**ଓଭରବ୍ରିଜରୁ ଡେଇଁଲେ ଯୁବକ**

**ବାଲେଶ୍ୱର ଅଫିସ:** ଗୁରୁବାର ରାତି ପ୍ରାୟ ସାଢ଼େ ୮ଟା ବେଳେ ବାଲେଶ୍ୱର ସହଦେବଖୁଣ୍ଟା ଓଭରବ୍ରିଜ ଉପରୁ ଜଣେ ଯୁବକ ଡେଇଁପଡିଛନ୍ତି। ଗୁରୁତର ଅବସ୍ଥାରେ ତାଙ୍କୁ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସେ ହେଉଛନ୍ତି ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଅଞ୍ଚଳର ନଳିପୁର ଗ୍ରାମର ରମାକାନ୍ତ ବଳ (୩୯)। ଡେଇଁବାର କାରଣ ଜଣାପଡି ନ ଥିବା ବେଳେ ସ୍ଥାନୀୟ ଲୋକଙ୍କ ସହାୟତାରେ ଆରପିଏଫ ଉଦ୍ଧାର କରି ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିଛି।

# ସ୍ତ୍ରୀ କାଠଫାଳିଆ ମାଡ଼ରେ ସ୍ୱାମୀ ମୃତ

କପ୍ତିପଦା,୧୯।୫(ଡି.ଏନ.ଏ)

ମୟୂରଭଞ୍ଜ ଜିଲା ଶରତ ଥାନା ଅଧୀନ ଶରିଆପାଳ ଲୁଧିଆସାହିରେ ବୁଧବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ସ୍ତ୍ରୀ କାଠଫାଳିଆ ମାଡ଼ରେ ସ୍ୱାମୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଲାଦୁରା ବାଲମୁଚା। ଏ ସଂକ୍ରାନ୍ତରେ ଲାଦୁରାଙ୍କ ସାନ ଭାଇ ସାଧବଙ୍କ ଲିଖିତ ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛି। ବାରିପଦାରୁ ସାଇଣ୍ଟିଫିକ୍ ଟିମ୍ ଆସି ବିଭିନ୍ନ ନମୁନା ସଂଗ୍ରହ କରି ଫେରିଛନ୍ତି। ଅଭିଯୁକ୍ତ ସ୍ତ୍ରୀ ଗୁରୁବାରୀଙ୍କୁ ପୋଲିସ ତାଙ୍କ ବାପ ଘର ନିକଟରୁ ଗିରଫ କରିଛି।

ସୂଚନା ଅନୁଯାୟୀ, ସ୍ତ୍ରୀ ଗୁରୁବାରୀଙ୍କ ସହ ମୃତ ଲାଦୁରା ବୁଧବାର ଦେବାନବାହାଳୀ ହାଟକୁ ଯାଇଥିଲେ। ସେଠାରେ ସେମାନେ ହାଣ୍ଡିଆ ପିଇ ଘରକୁ ଫେରଥିଲେ। ଘରେ ପହଞ୍ଚିବା ପରେ କୌଣସି କାରଣକୁ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଗୁରୁବାରୀ ଏକ କାଠଫାଳିଆରେ ଲାଦୁରାଙ୍କୁ ଶକ୍ତ ପ୍ରହାର ଦେଇଥିଲେ। ଲାଦୁରା ସଂଜ୍ଞାହୀନ ଅବସ୍ଥାରେ ପଡ଼ିଯିବା ଦେଖି ଗୁରୁବାରୀ ତାଙ୍କ ୩ ସନ୍ତାନଙ୍କୁ ଧରି ବାପ ଘରକୁ ପଳାଇ ଯାଇଥିଲେ। ପରେ ଲାଦୁରାଙ୍କ ମୃତ୍ୟୁ ହୋଇଥିଲା।

# ଶ୍ରଦ୍ଧାଞ୍ଜଳି ଜିତିଲେ ମିସ୍ ଓଡ଼ିଶା ଟାଇଟଲ

**ବାରିପଦା ଅଫିସ,୧୯।୫:** ସକାରାତ୍ମକ ଚିନ୍ତାଧାରା ଓ ସ୍ୱପ୍ନକୁ ପୂରଣ କରିବା ନେଇ ସେ ଆଗକୁ ପାଦ କାଢିଛନ୍ତି। ଅଦମ୍ୟ ଇଚ୍ଛା ଶକ୍ତି ଏବଂ କଠିନ ପରିଶ୍ରମ ଦ୍ୱାରା ଚଳିତବର୍ଷ ମିଶନ ଡ୍ରିମ୍ ଆଣ୍ଡ ମିସ୍ ଇଣ୍ଡିଆ ପ୍ରତିଯୋଗିତାରେ ମିସ୍ ଓଡ଼ିଶା ଟାଇଟଲ୍ ବିଜେତା ଭାବେ ସମଗ୍ର ରାଜ୍ୟରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ସେ ହେଉଛନ୍ତି କଳା ଓ ସଂସ୍କୃତିର ମାଟି ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ବେଲଗଡିଆଠାରେ ରହୁଥିବା ସତ୍ୟଭାମା ପ୍ରଧାନ ଓ ପ୍ରକାଶ ପ୍ରଧାନଙ୍କ ଝିଅ ଶ୍ରଦ୍ଧାଞ୍ଜଳି।

ବାଲ୍ୟକାଳରୁ ପାଠପଢ଼ା ସହିତ କଳା ପ୍ରତି ତାଙ୍କର ଆଗ୍ରହ ଓ ରୁଚି ରହିଥିଲା। ସ୍କୁଲ, କଲେଜ ବାର୍ଷିକ ଉତ୍ସବଠାରୁ ଆରମ୍ଭ କରି ଟେଲିଭିଜନରେ ପ୍ରସାରିତ ବିଭିନ୍ନ ରିଅଲିଟି ଶୋ'ରେ ନିଜର କଳା ଓ ନୃତ୍ୟ ପ୍ରତିଭାର ପରିଚୟ ଦେଇ ଆସୁଥିଲେ। ଏହାବ୍ୟତୀତ ଓଡ଼ିଆ, ସାନ୍ତାଳୀ ଓ ଝୁମର ଭଳି ଅନେକ ଆଲବମ୍‌ରେ ମଧ୍ୟ ଅଭିନୟ କରିସାରିଥିବା ଶ୍ରଦ୍ଧାଞ୍ଜଳି ତ୍ତକୁରା ଭଞ୍ଜଭୂମି କଲେଜରେ ଅଧ୍ୟୟନ ଜାରି ରଖିଛନ୍ତି। ଛଉ ନୃତ୍ୟରେ ସେ ବେଶ ସଫଳତା ଅର୍ଜନ କରିଥିବା ବେଳେ ଜିମ୍ନାଷ୍ଟିକରେ ନ୍ୟାଶନାଲ ସ୍ତରକୁ ମନୋନୀତ ହୋଇପାରିଛନ୍ତି। କ୍ଷୁଦ୍ର ଚଳଚ୍ଚିତ୍ର 'ଖୁସି'ରେ ଅଭିନୟ କରି ଶ୍ରେଷ୍ଠ କଳାକାର ଭାବେ ଫ୍ରାନ୍ସରୁ ମଧ୍ୟ ପୁରସ୍କୃତ ହୋଇଛନ୍ତି। ଜି ସାର୍ଥକରେ ପ୍ରସାରିତ ଡିଓଡି ଲିଟଲ ମାଷ୍ଟରରେ ଫାଇନାଲିଷ୍ଟ ଓ ଡିଓଡି ସୁପର ମମ୍ ସିଜନ-୨ରେ ସପୋର୍ଟିଙ୍ଗ ଗେଷ୍ଟ ଭାବେ ନୃତ୍ୟ ପରିବେଷଣ କରିଛନ୍ତି। ସେପ୍ଟେମ୍ବର ୨୦୨୧ ଦିଲ୍ଲୀରେ ଅନୁଷ୍ଠିତ ହୋଇଥିବା ଅପେରା ମିସ୍ ଇଣ୍ଡିଆ ଗ୍ଲୋବାଲରେ ପ୍ରଥମଥର ପାଦ ଥାପି ଅପେରା ମିସ୍ ଇଣ୍ଡିଆ ସବ୍-ଟାଇଟଲ ମିସ୍ ସାଇନିଂ ଷ୍ଟାର ଭାବେ ପୁରସ୍କୃତ ହୋଇଛନ୍ତି। ଗତ ୧୫ତାରିଖରେ ଭୁବନେଶ୍ୱରସ୍ଥିତକେଲୁଚରଣ ରିସୋର୍ସ ସେଣ୍ଟରରେ ମିଶନ ଡ୍ରିମସ୍ ମିସ୍ ଇଣ୍ଡିଆ ୨୦୨୨ରେ ଭାଗ ନେଇ ୫୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀଙ୍କୁ ପଛରେ ପକାଇ ମିସ୍ ଓଡ଼ିଶା ଟାଇଟଲ ବଜୟିନୀ ହେବାରେ ଗୌରବ ଅର୍ଜନ କରିଛନ୍ତି। ଅବହେଳିତ ଓ ନିଷ୍ପେସିତ ନାରୀମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ଲାଗି କାର୍ଯ୍ୟ କରିବାକୁ ତାଙ୍କର ଇଚ୍ଛା ରହିଛି। ଭବିଷ୍ୟତରେ ଫେମିନା ମିସ୍ ଇଣ୍ଡିଆରେ ଭାଗ ନେବାକୁ ଚେଷ୍ଟା ଜାରି ରଖିଥିବା ସେ କହିଛନ୍ତି।



ଅନ୍ୟ ଦୁଇ ପ୍ରତିଯୋଗୀଙ୍କ ସହ ଶ୍ରଦ୍ଧାଞ୍ଜଳି(ମଝି)।




## ମୟୂରଭଞ୍ଜରେ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ନିର୍ଦ୍ଦେଶିକା

**ବାରିପଦା ଅଫିସ,୧୯।୫:** ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ନିର୍ଦ୍ଦେଶିକା ବ୍ରତତୀ ହରିଚନ୍ଦନ ମୟୂରଭଞ୍ଜ ଜିଲା ଗସ୍ତରେ ଆସି ସମୀକ୍ଷା କରିଛନ୍ତି। ବିଭାଗ ଦ୍ୱାରା ପରିଚାଳିତ ବିଭିନ୍ନ ଯୋଜନାର ସଫଳ ରୂପାୟନ ଦିଗରେ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ଆଲୋଚନା କରିଥିଲେ। ଜିଲା ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ର ପରିଦର୍ଶନ କରି ଭିନ୍ନ ଭିନ୍ନ ବିଭାଗର ସୁପରିଚାଳନା ଦିଗରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଏକ ସହାୟକ ଯନ୍ତ୍ର ବଣ୍ଟନ ଶିବିରରେ ଉପସ୍ଥିତ ରହି ୪ଜଣଙ୍କୁ ବିବାହ ପ୍ରୋତ୍ସାହନ ରାଶି, ୨ଜଣ କୁଷ୍ଠ ରୋଗାକ୍ରାନ୍ତଙ୍କୁ ସହାୟତା, ୩ଟି କୃତ୍ରିମ ଅଙ୍ଗ, ୮ଟି ଶ୍ରବଣ ଯନ୍ତ୍ର, ୩ଟି ମାଗଣା ଲାପଟପ୍, ୪ଟି ହ୍ୱିଇଲ ଚେୟାର ଏବଂ ୪ଟି ଟ୍ରାଇ ସାଇକେଲ ପ୍ରଦାନ କରିଥିଲେ। ପରେ ବାରିପଦା ବ୍ଲକ ବୁଢୀଖମାରୀଠାରେ ଚାଲିଥିବା ପେନସନ ଟଙ୍କା ଉଠାଣ କେନ୍ଦ୍ର ପରିଦର୍ଶନ କରିଥିଲେ। ବେତନଟୀ ସ୍ଥିତ ମାନବିକାଶ ବିଦ୍ୟାଳୟ ପରିଦର୍ଶନ କରି ଅନ୍ତେବାସୀଙ୍କ ସହ ସମୟ ଅତିବାହିତ କରିଥିଲେ। ବାରିପଦାରେ ଥିବା ରୁରାଲ ଡେଭଲପମେଣ୍ଟ ଆକ୍ସନ ସେଲ ଦ୍ୱାରା ପରିଚାଳିତ ବରିଷ୍ଠ ନାଗରିକ ଗୃହକୁ ଯାଇ ଅନ୍ତେବାସୀଙ୍କ ଖାଇବା ରହିବା ତଥା ସ୍ୱାସ୍ଥ୍ୟ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ଗସ୍ତ ସମୟରେ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।




## ଜଳିଗଲେ ୨୭୦୦ କୁକୁଡ଼ା ଚିଆଁ

ବନ୍ତ,୧୯।୫(ଡି.ଏନ.ଏ.): ଭଦ୍ରକ ଜିଲା ବନ୍ତ ବ୍ଲକ ଗଣିଜାଙ୍ଗ ପଞ୍ଚାୟତ ବେଲଦା ଗ୍ରାମରେ ବୁଧବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ଏକ କୁକୁଡା ଫାର୍ମ ଜଳିଯାଇଛି। ଏହି ଅଗ୍ନିକାଣ୍ଡରେ ପ୍ରାୟ ୨୭ ଶହ କୁକୁଡ଼ା ଚିଆଁ ପୋଡ଼ି ମରିଥିବା ସୂଚନ ମିଳିଛି। ଅଗ୍ନିକାଣ୍ଡରେ ପ୍ରାୟ୧୫ ଲକ୍ଷ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବା ଆଗରପଡ଼ା ଅଗ୍ନିଶମ ବିଭାଗ ପକ୍ଷରୁ ସୂଚନା ମିଳିଛି। ଉଲ୍ଲେଖ ଯେ, ଉକ୍ତ ଗ୍ରାମର ଜେନା ସାହିଠାରେ ବିଜୟ କୁମାର ମହାପାତ୍ରଙ୍କର କୁକୁଡ଼ା ଫାର୍ମରେ ଅଗ୍ନିକାଣ୍ଡ ଘଟିଥିଲା। ଫାର୍ମ ନିକଟରେ ଥିବା ଘରେ ବିଜୟ ଶୋଇଥିବା ବେଳେ ନିଆଁ ଲାଗିଥିବା ଦେଖି ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଆଗରପଡ଼ା ଓ ଭଦ୍ରକ ଅଗ୍ନିଶମ ବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭାଇଥିଲେ। ବିଦ୍ୟୁତ୍ ସଟସର୍କିଟ୍‌ରୁ ଏହି ଅଗ୍ନିକାଣ୍ଡ ଘଟିଥିବା ଜଣାପଡ଼ିଛି।

## ଗୋଟିଏ ରାତିରେ ୪ ଦୋକାନରୁ ଚୋରି

ଖଇରା, ୧୯।୫(ଡି.ଏନ.ଏ.)- ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ତୁଡିଗଡିଆ ବଜାରରୁ ବୁଧବାର ରାତିରେ ଖଇରା ଥାନା ହୋମଗାର୍ଡଙ୍କ କଡା ପ୍ରହରା ସତ୍ତ୍ୱେ ଏକକାଳୀନ ୪ଟି ଦୋକାନରୁ ଚୋରି ହୋଇଛି। ଚୋରମାନେ କବାଟ ଭାଙ୍ଗି ଗୟାଧର ଗାହାଣଙ୍କ ପୂଜା ସାମଗ୍ରୀ, ମୁରଲୀଧର ମଲ୍ଲିକ, କମଳକାନ୍ତ ପାଣିଗ୍ରାହୀ ଓ ଦାମୋଦର ସାହୁଙ୍କ ଡେଜରାତି ଦୋକାନରୁ ଅନ୍ୟୁନ ୨ଲକ୍ଷ ଟଙ୍କାର ଅର୍ଥ ଓ ସାମଗ୍ରୀ ଚୋରି ହୋଇଥିବା ନେଇ ବ୍ୟବସାୟୀମାନେ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଖଇରା ଥାନା ଆଇଆଇସି ଗଣେଶ୍ୱର ପ୍ରଧାନ ଘଟଣାସ୍ଥଳକୁ ଯାଇ ପ୍ରାଥମିକ ତଦନ୍ତ କରିଛନ୍ତି। ତେବେ ବୁଧବାର ହୋମଗାର୍ଡ ରାତିରେ ବଜାର ଜଗିବା ସମୟରେ ଏଭଳି ଚୋରି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।






## କୁକୁର କାମୁଡ଼ାରେ ୨୨ ଆହତ

ଖଇରା, (ଡି.ଏନ.ଏ.)-ଖଇରା ତଥା ଆଖପାଖ ଅଞ୍ଚଳରେ ଏକ କୁକୁର କାମୁଡ଼ାରେ ୨୨ଜଣ ଆହତ ହେବା ପରେ ସାଧାରଣରେ ଆତଙ୍କ ସୃଷ୍ଟି ହୋଇଛି। ଗୁରୁବାର ଖଇରା ବଜାରରୁ ବଣପାରିଆ ଛକକୁ ଯାଉଥିବା ଦିବାକର ବେହେରା, ନିରଞ୍ଜନ ନାୟକ, ଉମାକାନ୍ତ ବାରିକ, ତେଜସ୍ୱୀ ତରିଆ, ପ୍ରଫୁଲ୍ଲ କୁମାର ଧର, ଦିଲୀପ ସେଠୀ ଓ କମଳେଶ ମହାରଥା ପ୍ରମୁଖଙ୍କୁ କୁକୁର କାମୁଡ଼ିଥିଲା। ପରେ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସମସ୍ତଙ୍କୁ ଇଞ୍ଜେକଶନ ପ୍ରଦାନ କରାଯାଇଛି

## ସଂକ୍ଷେପରେ

### ବ୍ୟାଙ୍କରେ ଟଳି ପଡ଼ିଲେ ବୃଦ୍ଧା

କୁଆମରା,୧୯।୫(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ସାନକେରକ ସ୍ଥିତ ଏକ ବ୍ୟାଙ୍କକୁ ଟଙ୍କା ଉଠାଇବାକୁ ଆସିଥିବା ବେଳେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ହୋଇଛି। ମୃତ ମହିଳା ଜଣକ ହେଲେ ବେତନଟା ଗ୍ରାମର ଶରଧା ମଣି ସିଂ (୭୫)। ମଧ୍ୟାହ୍ନ ସମୟରେ ସେ ବ୍ୟାଙ୍କକୁ ଆସିଥିବା ବେଳେ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ୧୦୮ ଆମ୍ବୁଲାନ୍ସ ଯୋଗେ ବାରିପଦା ମେଡିକାଲକୁ ନିଆ ଯାଇଥିଲେ ହେଁ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ତେବେ ପ୍ରବଳ ଗୁଳୁଗୁଳି ଓ ଅତ୍ୟଧିକ ତାପମାତ୍ରା ବୃଦ୍ଧି ଯୋଗୁ ଶରଧାମଣି ଅସୁସ୍ଥ ହୋଇ ପଡ଼ିଥିବା ଅନୁମାନ କରାଯାଉଛି। ଶରଧା ଅବିବାହିତ ଥିଲେ। ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ବଡ଼ସାହି ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୨୪/୨୨) ରୁଜୁ ହୋଇଛି।

### ଟେନିକଏଟ ଓଡ଼ିଶା ଦଳରେ ଭଦ୍ରକରୁ ୪

ଭଦ୍ରକ ଅଫିସ, ୧୯।୫- ଆସନ୍ତା ୨୭ତାରିଖରେ ତାମିଲନାଡୁର ଭେଲାମେଲା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଟେନିକଏଟ ପ୍ରତିଯୋଗିତା ଅନୁଷ୍ଠିତ ହେବାକୁ ଯାଉଛି। ଏଥିରେ ଓଡିଶା ଦଳରେ ଭଦ୍ରକର ୪ ଜଣ ନିର୍ମଳ ସେନ, ଦିବ୍ୟଜ୍ୟୋତି ବେହେରା, ରାଜକିଶୋର ଦାସ ବାଳକ ଦଳରେ ସାମିଲ ହୋଇଥିବା ବେଳେ ବାଳିକା ଦଳରେ ଅଭିଲିପ୍ସା ପୃଷ୍ଟି ସାମିଲ ହୋଇଛନ୍ତି। ଭଦ୍ରକ କଲେଜ ପଡିଆ ଠାରେ ଜିଲା ଟେନିକଏଟ ସଭାପତି ଗୋଲକ ନାୟକ, ଉପସଭାପତି ଭବେଶ ଦାସ, ସୁବାସ ଦୀକ୍ଷିତ, ରାଜତୀଲକ ସ୍ୱାଇଁ, ରାଜେଶ ଦାସ, ସାଧାରଣ ସମ୍ପାଦକ ମନୋଜ10 ସାହୁ ,କୋଷାଦକ୍ଷ ଚନ୍ଦନ ଦେ, ସହ ସମ୍ପାଦିକା ସନ୍ଧ୍ୟାରାଣୀ ପାଣିଗ୍ରାହୀ ଓ ମୋନାଲିସା ରାଉତ ଯୋଗଦେଇ ସେମାନଙ୍କର ସଫଳ କାମନା କରିଥିଲେ ଓ ଓଡିଶା ଏବଂ ଭଦ୍ରକର ନାମ ରଖିବାକୁ ଆଶୀର୍ବାଦ ଦେଇଥିଲେ।

### କଂଗ୍ରେସର ସମ୍ପର୍କ ଯାତ୍ରା

ବସ୍ତା, ୧୯।୫(ଡି.ଏନ.ଏ.)-ବସ୍ତା ବ୍ଲକ ଅଧୀନ ଦୁଧହଁସା ପଞ୍ଚାୟତରେ କଂଗ୍ରେସର ସମ୍ପର୍କ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ କଂଗ୍ରେସ ସଭାପତି ଚୈତନ୍ୟ ଗୋଛାୟତଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ କଂଗ୍ରେସ ନେତା ନବଜ୍ୟୋତି ପଟ୍ଟନାୟକ ଯୋଗଦେଇ ସମସ୍ତ କର୍ମୀଙ୍କୁ ତାଙ୍କର ଆଗାମୀ ରଣନୀତି ବିଷୟରେ ଆଲୋଚନା କରିବା ସହିତ ପ୍ରତି ୱାର୍ଡ଼ରୁ ଆସିଥିବା କର୍ମୀମାନଙ୍କଠାରୁ ମଧ ମତାମତ ସଂଗ୍ରହ କରିଥିଲେ। ବସ୍ତା ନିର୍ବାଚନ ମଣ୍ଡଳୀ କଂଗ୍ରେସ ନେତା ବିଜନ ନାୟକ, ବ୍ଲକ କଂଗ୍ରେସ ସଭାପତି ସତ୍ୟନାରାୟଣ ଗୁପ୍ତା, ଜିଲା କଂଗ୍ରେସ କମିଟି ସାଧାରଣ ସମ୍ପାଦକ ସୁଧାଂଶୁ ଶେଖର ଯେନା ଯୋଗଦେଇ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ସୃଷ୍ଟିଧର ମହାଲିକ, ରତ୍ନାକର ଗିରି, ସୀତାରାମ ଯେନା, ପଞ୍ଚାୟତ ଯୁବ କଂଗ୍ରେସ ସଭାପତି ଜନ୍ମଜେୟ ରାଉଳ, ମହିଳା କଂଗ୍ରେସ ସଭାପତିଙ୍କ ସମେତ ବହୁ କଂଗ୍ରେସ କର୍ମୀ ଓ ନେତୃତ୍ୱ ଉପସ୍ଥିତ ଥିଲେ। ସେହିପରି ଜଳେଶ୍ୱର ନିର୍ବାଚନମଣ୍ଡଳୀ ଶିଖରପୁରରେ ପଟ୍ଟନାୟକ କର୍ମୀମାନଙ୍କ ସହ ଆଲୋଚନା ବେଳେ ଜନସମ୍ପର୍କ ହିଁ କଂଗ୍ରେସର ମୂଳମନ୍ତ୍ର ବୋଲି କହିଥିଲେ।

# ରଙ୍ଗ ତୂଳୀରେ ଜୀବନ୍ୟାସ

ଧାମନଗର, ୧୯।୫(ସ୍ୱ.ପ୍ର.)

■ବିଦେଶରେ ହାସଲ କରିଛନ୍ତି ଲୋକପ୍ରିୟତା
■ଅନନ୍ୟ ଶିଳ୍ପୀ ଗୋପାଳ

ରଙ୍ଗତୁଳୀ, ମାଟି, ଚକ୍ ଖଡ଼ିରେ ଚିତ୍ର ଆଙ୍କିବାରେ ସେ ସିଦ୍ଧହସ୍ତ। ତାଙ୍କ ସ୍ପର୍ଶରେ କଳାକୃତି ହୋଇଉଠୁଛି ଜୀବନ୍ତ। ଏଭଳି କଳାକୃତି ପାଇଁ ବିଦେଶରେ ମଧ ସେ ଲୋକପ୍ରିୟତା ହାସଲ କରିପାରିଛନ୍ତି। ଏପରି ଜଣେ ଅନନ୍ୟ ଶିଳ୍ପୀ ହେଉଛନ୍ତି ଭଦ୍ରକ ଜିଲା ଧାମନଗର ବ୍ଲକ ସରେଇ ଚୂଡ଼ାକୁଟି ପଞ୍ଚାୟତର ସୋରିଷଡିହୀ ଗ୍ରାମର ରତ୍ନାକର ସାମଲଙ୍କ ପୁଅ ଗୋପାଳ(୩୮)।

ଗୋପାଳ ଜେଜେ ନିଧି ସାମଲଙ୍କ ପାଖରୁ ପିଲାଟି ଦିନରୁ ମୂର୍ତ୍ତି ନିର୍ମାଣ ଶିକ୍ଷା କରିବା ପରେ ମଧ୍ୟପ୍ରଦେଶର ଜବଲପୁରରେ ଦିଦି ଜ୍ଞାନେଶ୍ୱରୀ ବ୍ରହ୍ମଋଷି ଆଶ୍ରମରେ ୪ ବର୍ଷ କାରୁକାର୍ଯ୍ୟରେ ଲିପ୍ତ ରହି ଗାଁକୁ ଫେରିଥିଲେ। କୋଭିଡ୍ ସମୟରେ ମୂର୍ତ୍ତି ଗଢ଼ି ନିଜେ ରୋଜଗାର କରିବା ସହିତ କେତେଜଣ ଯୁବକଙ୍କୁ ରୋଜଗାର ପାଇଁ ତାଲିମ ଦେଇଥିଲେ। ପଞ୍ଜାବ, ଗୁଜୁରାଟ, ହରିୟାନା, ଉତ୍ତରାଖଣ୍ଡ, ୟୁପି ଆଦି ରାଜ୍ୟ ସମେତ ବିଦେଶରେ ତାଙ୍କର ମୂର୍ତ୍ତି ଲୋକପ୍ରିୟତା ଅର୍ଜନ କରିଛି। ଆମେରିକାରେ ଥିବା ହିନ୍ଦୀ ୟୁଏସ୍ଏ ଟ୍ରଷ୍ଟକୁ ୧୪ ଇଞ୍ଚ ଉଚ୍ଚତା ବିଶିଷ୍ଟ ୪ ଶହଟି ଭାରତମାତାଙ୍କ ଫାଇବର ମୂର୍ତ୍ତି ନିର୍ମାଣ କରି ଜୁଲାଇ ୨୦୨୨ରେ ପଠାଇବାକୁ ଲକ୍ଷ୍ୟ ରଖିଛନ୍ତି। ସେହିପରି କାନାଡା, ଇଂଲଣ୍ଡ, ନେଦରଲ୍ୟାଣ୍ଡ ଓ ସୁରିମନ ଆଦି ଦେଶକୁ ନିଜ ହାତ ତିଆରି ଫାଇବର, ଚକ୍ ଓ ସିମେଣ୍ଟ ମାଧ୍ୟମରେ ବିଭିନ୍ନ ଦେବାଦେବୀଙ୍କ ମୂର୍ତ୍ତି ନିର୍ମାଣ କରି ପଠାଇଛନ୍ତି। ଋଷ ଓ ୟୁକ୍ରେନରେ


ଗୋପାଳ ମୂର୍ତ୍ତି ତିଆରି କରୁଛନ୍ତି।

ମଧ୍ୟରେ ଲାଗି ରହିଥିବା ଯୁଦ୍ଧ ରୋକିବାକୁ ବାଲୁକା ଚିତ୍ରରେ ମଧ ସଚେତନତାର ବାର୍ତ୍ତା ଦେଇଥିଲେ। ଚାଟଶାଳୀ ଶିକ୍ଷକ ନନ୍ଦସାର, ସିନେତାରକା ମିହିର ଦାସ, କଣ୍ଠଶିଳ୍ପୀ ଲତା ମଙ୍ଗେସକର, ସ୍ୱାମୀ ବିବେକାନନ୍ଦ ଓ ସୁବାଷ ବୋଷଙ୍କର ଚକ୍ ଖଡ଼ିରେ ନିର୍ମିତ ମୂର୍ତ୍ତି ବେଶ୍ ଲୋକାଦୃତ ହୋଇପାରିଛି। ରଙ୍ଗ ତୂଳୀରେ ନିଖୁଣ କାରିଗରୀ ଆଗାମୀ ଦିନରେ ଅନେକ ଯୁବପିଢ଼ିଙ୍କୁ କଳାକୃତି ପ୍ରତି ଆକୃଷ୍ଟ କରିବ। ଓଡ଼ିଶା ସରକାରଙ୍କ ପକ୍ଷରୁ ଏହି କଳାକୁ ବିକାଶ କରିବା ପାଇଁ ପ୍ରୋତ୍ସାହନର ବ୍ୟବସ୍ଥା କରିଲେ ସେ ଆଗକୁ ବଢ଼ିପାରନ୍ତେ ବୋଲି କହିଛନ୍ତି।

# ୪ସପ୍ତାହ ମଧ୍ୟରେ ରିପୋର୍ଟ ଦିଅ

ବାରିପଦା ଅଫିସ,୧୯।୫

**ଜୁଲାଇ ୧୪ରେ ଏନ୍‌ଜିଟିର ପରବର୍ତ୍ତୀ ଶୁଣାଣି**

ମୟୂରଭଞ୍ଜ ଜିଲା ବଡ଼ସାହି ତହସିଲ ଅଧୀନ ବୁଢ଼ାବଳଙ୍ଗ ନଦୀର ଆରପଟା ଓ ଡିଙ୍ଗିରା ସଇରାତରୁ ବେଆଇନ ବାଲି ଉତ୍ତୋଳନ ଓ ପରିବହନକୁ ନେଇ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ୍ ଏକ ମାମଲାର ଶୁଣାଣି କରିଛନ୍ତି। ମୟୂରଭଞ୍ଜ ଜିଲାପାଳ ଦାଖଲ କରିଥିବା ସତ୍ୟପାଠର ସମସ୍ତ ରିପୋର୍ଟକୁ ଭିତ୍ତି କରି ଜୁଡିସିଆଲ ମେମ୍ବର ଜଷ୍ଟିସ ବି.ଅମିତ ସ୍ଥଲେକାର ଓ ଏକ୍ସପର୍ଟ ମେମ୍ବର ସାଇବଲ ଦାସଗୁପ୍ତା ଏହାର ବିଚାର କରି ଅବଶିଷ୍ଟ ପ୍ରତିପକ୍ଷଙ୍କୁ ୪ସପ୍ତାହ ମଧ୍ୟରେ ଉତ୍ତର ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏନ୍‌ଜିଟି ଷ୍ଟାଣ୍ଡିଂ କମିଟିର ଅତିରିକ୍ତ ଅଧିକାରୀ ତାପସ କୁମାର ପ୍ରହରାଜ, ଆଇନଜୀବୀ ଦୀପାଞ୍ଜନ ଘୋଷ, ଗୋରାଚାନ୍ଦ ରୟ ଚୌଧୁରୀ, ଆଇନଜୀବୀ ଶିବଜ୍ୟୋତି ଚକ୍ରବର୍ତ୍ତୀ, ପାଉଶାଲୀ ବାନାର୍ଜୀ ଓ ଦେବାଶିଷ ଘୋଷଙ୍କ ଉପସ୍ଥିତିରେ ଭର୍ଚୁଆଲ ମୋଡ୍‌ରେ ମାମଲାର ଶୁଣାଣି କରାଯାଇଥିଲା। ପରବର୍ତ୍ତୀ ଶୁଣାଣି ଜୁଲାଇ୧୪ରେ ହେବାକୁ ସ୍ଥିର ହୋଇଛି।

ବେଆଇନ ବାଲି ଉତ୍ତୋଳନ ଓ ପରିବହନକୁ ନେଇ ବଡ଼ସାହି ବ୍ଲକ ଛେଳିଆ ଗ୍ରାମର ରାଧା ମୋହନ ସିଂଙ୍କ ଅଭିଯୋଗ କ୍ରମେ ୩୦/୨୨ ଓ ୩୧/୨୨ଇଜେଡ୍‌ରେ ଏକ ମାମଲା ଏନ୍‌ଜିଟିରେ ରୁଜୁ ହୋଇଥିଲା। ଏପ୍ରିଲ ୨୨ରେ ଏନ୍‌ଜିଟି ଏହାର ଶୁଣାଣି କରି ଉଭୟ ସଇରାତରୁ ବହୁଗୁଣା ବାଲି ଉତ୍ତୋଳନ କରାଯାଇ ପରିବେଶ ଓ ଜୈବ ବିବିଧତାରେ କ୍ଷତି ପହଞ୍ଚାଇବା ବାବଦରେ ୪କୋଟି ୭୧ଲକ୍ଷ ୩୮ହଜାର ୮୬୮ଟଙ୍କା ଓ ପରିବେଶ କ୍ଷତି ପାଇଁ ୨୧ଲକ୍ଷ ଟଙ୍କାର ଜରିମାନା ପୈଠ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ବେଆଇନ କାରବାରରେ ସମ୍ପୃକ୍ତି ଥିବା ଅଭିଯୋଗରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ବଡ଼ସାହି ତହସିଲଦାର ମମତାଜ ମହାରଣାଙ୍କୁ ଚାକିରିରୁ ନିଲମ୍ବିତ କରାଯାଇଛି। ପୁନର୍ବାର ବିଭାଗୀୟ ପତ୍ର ସଂଖ୍ୟା ୧୫୩୪୫ ଅନୁଯାୟୀ ୩୦ଦିନ ମଧ୍ୟରେ ସେ ନିଜର ପକ୍ଷ ରଖିବାକୁ ନୋଟିସ ଜାରି କରାଯାଇଛି। ଏହା ସହିତ ତହସିଲଦାର ଓ ଲିଜଧାରୀଙ୍କ ନାମରେ ମାମଲା ରୁଜୁ ହୋଇଛି। ଲିଜ୍‌ଧାରୀ ପ୍ରଦୀପ ବିନ୍ଧାଣୀଙ୍କୁ ପୋଲିସ ଗିରଫ ପରେ କୋର୍ଟ ଚାଲାଣ କରିଛି। ତେବେ ମାମଲାର ଶୁଣାଣି କରି ଦାଖଲ ହୋଇଥିବା ସତ୍ୟପାଠକୁ ନେଇ କେନ୍ଦ୍ରୀୟ ପରିବେଶ ନିୟନ୍ତ୍ରଣ ବୋର୍ଡର ଆଇନଜୀବୀ ଶିବଜ୍ୟୋତି ଚକ୍ରବର୍ତ୍ତୀ ଓ ଲିଜଧାରୀଙ୍କ ଆଇନଜୀବୀ ପାଉଶାଲୀ ବାନାର୍ଜୀଙ୍କୁ ୪ସପ୍ତାହ ମଧ୍ୟରେ ଉତ୍ତର ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଅଭିଯୋଗକାରୀଙ୍କ ପକ୍ଷରୁ ଶଙ୍କର ପ୍ରସାଦ ପାଣି ମାମଲା ପରିଚାଳନା କରୁଛନ୍ତି।

# ନାବାର୍ଡ ପକ୍ଷରୁ ମେଗାଜଳ ପ୍ରକଳ୍ପ ସ୍ଥିତି ଅନୁଧ୍ୟାନ


ନାବାର୍ଡ଼ ପକ୍ଷରୁ ମେଗା ଜଳ ପ୍ରକଳ୍ପର ସ୍ଥିତି ଅନୁଧ୍ୟାନ କରାଯାଉଛି।

ନୀଳଗିରି, ୧୯।୫(ସ୍ୱ.ପ୍ର.)

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ଏକ ବଣପାହାଡ଼ ଘେରା ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ। ବିଭିନ୍ନ ପଞ୍ଚାୟତ ତଥା ବହୁ ଗ୍ରାମରେ ପାନୀୟଜଳ ସମସ୍ୟା ବର୍ଷ ବର୍ଷ ଧରି ଲାଗିରହିଥାଏ। ଉକ୍ତ ଅଞ୍ଚଳରେ ପାନୀୟଜଳ ସମସ୍ୟାର ସମାଧାନ ପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମିଳିତ ଉଦ୍ୟମରେ ୧୭୨ କୋଟି ଟଙ୍କାର ବିନିଯୋଗରେ ମେଗା ଜଳଯୋଗାଣ ପ୍ରକଳ୍ପ ନିର୍ମାଣ ଚାଲିଛି। ନାବାର୍ଡ଼ ସିଜିଏମ୍ ସି. ଉଦୟ ଭାସ୍କର, ଡିଜିଏମ୍ ଏସ୍. ଆର୍. ପଣ୍ଡା ଓ ଡିଡିଏମ୍ ତାପସ ରଞ୍ଜନ ପଣ୍ଡା ପ୍ରମୁଖ ଗୁରୁବାର ବାଲେଶ୍ୱର ଜିଲା ନୀଳଗିରି ବ୍ଲକର ଅଯୋଧ୍ୟା ଗ୍ରାମରେ ଜଳ ବିଶୋଧନାଗାର ଓ ଇନଟ୍ୟାକ ଖସାପଡ଼ିଆ ନିକଟସ୍ଥ କାଠପାଳ ସୋନ ନଦୀରୁ ୨୦୧୯ ଫେବୃୟାରୀ ୧୩ରେ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିବା ମେଗା ସ୍ୱଚ୍ଛ ପାନୀୟଜଳ ପ୍ରକଳ୍ପ ସ୍ଥିତି ଅନୁଧ୍ୟାନ କରିଥିଲେ।

ପ୍ରକଳ୍ପ ରୂପରେଖ ସମ୍ପର୍କରେ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗର (ଆରଡବ୍ଲ୍ୟୁଏସ୍ଏସ୍) ଅତିରିକ୍ତ ମୁଖ୍ୟଯନ୍ତ୍ରୀ (ଆଡ଼ିଶନାଲ ଚିଫ୍ ଇଞ୍ଜିନିୟର) ବିପିନ ବିହାରୀ ଦାସ ଅବଗତ କରାଇଥିଲେ। ଏହାସହ ସେଠାରେ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସମୀର ଦେ, ଏସ୍‌ଡିଓ ରୌପ୍ୟରଞ୍ଜନ ବେହେରା, ଜେଇ ଶୁଭଲକ୍ଷ୍ମୀ ମାହାନ୍ତଙ୍କ ସହିତ ରାଜସ୍ଥାନ ଠିକାସଂସ୍ଥା ଜୁବେରି ଇଞ୍ଜିନିୟରିଂ କନ୍‌ଷ୍ଟ୍ରକଶନ୍ ପ୍ରାଇଭେଟ୍ ଲିମିଟେଡ୍‌ର ପ୍ରକଳ୍ପ ଦାୟିତ୍ୱରେ ଥିବା ବିକ୍ରମ କେଶରୀ ପୁହାଣଙ୍କଠାରୁ ପ୍ରକଳ୍ପର ସ୍ଥିତି ବିଷୟରେ ନାବାର୍ଡ଼ର ସିଜିଏମ୍ ପଚାରି ବୁଝିଥିଲେ। ୨୦୧୯ ନଭେମ୍ବର ୫ରୁ କାର୍ଯ୍ୟ ଆରମ୍ଭ ହୋଇ ୨୦୨୧ ନଭେମ୍ବର ୨୧ରେ ଏହା କାର୍ଯ୍ୟକ୍ଷମ ହେବା ନେଇ ସ୍ଥିର ହୋଇଥିଲା। ଜାଗା ସମସ୍ୟା ଯୋଗୁ କାର୍ଯ୍ୟ ଆଗେଇ ପାରି ନ ଥିଲା। ପରବର୍ତ୍ତୀ ସମୟରେ ପ୍ରକଳ୍ପ ନିର୍ମାଣ ଅବଧିକୁ ବଢ଼ାଇବା ସହ ଆସନ୍ତାବର୍ଷ ଜାନୁୟାରୀ ୨୦୨୩ ସୁଦ୍ଧା କାର୍ଯ୍ୟ ସାରିବାର ସୂଚନା ଦେଇଛନ୍ତି। ପ୍ରକଳ୍ପ କାର୍ଯ୍ୟ ଶେଷ ହେବା ପରେ ନୀଳଗିରି ବ୍ଲକର ୨୦ ପଞ୍ଚାୟତ ସମେତ ୯୦ ଗାଁର ୧ଲକ୍ଷ ୩ହଜାର ଲୋକେ ବିଶୁଦ୍ଧ ଯୁକ୍ତ ପାଣି ପିଇପାରିବେ ବୋଲି ନାବାର୍ଡ଼ ଅଧିକାରୀ କହିଥିଲେ। ପ୍ରକଳ୍ପ ଅଗ୍ରଗତି ସମୀକ୍ଷା କରିବା ସହିତ ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ନାବାର୍ଡ ଅଧିକାରୀ ସମ୍ପୃକ୍ତ ଠିକା ସଂସ୍ଥାକୁ ନିର୍ଦ୍ଦେଶ ଦେଇଥିଲେ।

## ସରପଞ୍ଚଙ୍କୁ ହତ୍ୟା ଧମକ

ପଦ୍ମପୁର,୧୯।୫(ଡି.ଏନ.ଏ.)

ଭଦ୍ରକ ସଦର ବ୍ଲକ ଅଧୀନ ସାହାଡ଼ା ପଞ୍ଚାୟତରେ ବିନା ନିଲାମରେ ପୋଖରୀରୁ ମାଛ ଧରିବା ନେଇ ବିବାଦ ଉଗ୍ରରୂପ ନେଇଛି। ବୁଧବାର ନାଞ୍ଜିଗୋହିରୀ ଓ କାକୁଡ଼ି ପୋଖରୀରୁ କେତେକ ବ୍ୟକ୍ତି ମାଛ ଧରୁଥିବା ବେଳେ ସରପଞ୍ଚ ମାଧବ ମଲ୍ଲିକ ଏହାକୁ ବିରୋଧ କରିବା ସହ ଥାନାରେ ଏତଲା ଦେଇଥିଲେ। ଏହି ବିବାଦର ସମାଧାନ ନ ହେଉଣୁ ଗୁରୁବାର ସାହାଡ଼ା ବଜାରରେ ଥିବା ରହଣିଆ ପୋଖରୀରୁ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ ପାଣି ଶୁଖାଇ ମାଛ ଧରିବା ପାଇଁ ଯୋଜନା କରୁଥିଲେ। ସରପଞ୍ଚ ଓ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ପୋଖରୀ ନିଲାମ ସମ୍ପର୍କିତ କାଗଜପତ୍ର ଦେଖାଇବାକୁ କହିଥିଲେ। ହେଲେ ଉକ୍ତ ଗୋଷ୍ଠୀର କର୍ମକର୍ତ୍ତା କୌଣସି ନିଲାମ ସମ୍ପର୍କିତ କାଗଜପତ୍ର ଦେଖାଇ ପାରି ନ ଥିଲେ। ଗ୍ରୀଷ୍ମ ଋତୁରେ ପୋଖରୀର ପାଣି ଶୁଖାଇବାକୁ ବନ୍ଦ କରିବାରୁ ଗ୍ରାମର କିଛି ବ୍ୟକ୍ତି ସରପଞ୍ଚଙ୍କୁ ରାସ୍ତାରେ ଅଟକାଇ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଗାଡ଼ି ମଡ଼ାଇ ଜୀବନରୁ ମାରିଦେବାକୁ ଧମକ ଦେଇଥିବା ସରପଞ୍ଚ ସାବରଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

## ମହିଳାଙ୍କ ଆତ୍ମହତ୍ୟା

ପାଟଣା,୧୯।୫(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ବ୍ଲକ ସରାସକୋଲା ପଞ୍ଚାୟତ ଜିଆଣି ସାହିରେ ବୁଧବାର ସନ୍ଧ୍ୟାରେ ଜଣେ ମହିଳା ଫାଶୀ ଲଗାଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଲକ୍ଷ୍ମୀ ମହାନ୍ତ। ଥାନାରେ ଖବର ଦେବାପରେ ଏସ୍‌ଆଇ ମନୋରମା ସ୍ୱାଇଁ ମୃତଦେହ ଜବତ କରି ଗୁରୁବାର ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ କରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ଏନେଇ ପାଟଣା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୪/୨୨) ରୁଜୁ ହୋଇଛି। ସୂଚନାଯୋଗ୍ୟ, ଲକ୍ଷ୍ମୀ ଦୀର୍ଘ ଦିନରୁ ପେଟରେ ଅଲସର ହୋଇଥିବାରୁ ଯନ୍ତ୍ରଣା ଭୋଗୁ ଥିଲେ। ଯନ୍ତ୍ରଣା ସହି ନପାରି ଆତ୍ମହତ୍ୟା କରିଥିବା ବୋଲି ପୋଲିସ ପ୍ରାଥମି ତଦନ୍ତରୁ ଜାଣିବାକୁ ପାଇଛି।

# ବରପଦା ଯାନ୍ତ୍ରିକ ମହାବିଦ୍ୟାଳୟ ବନ୍ଦ ଲାଗି ଷଡ଼ଯନ୍ତ୍ର’


ଖବରଦାତା ସମ୍ମିଳନୀରେ ଉପସ୍ଥିତ କଲେଜ କର୍ମଚାରୀମାନେ।

ଭଦ୍ରକ ଅଫିସ,୧୯।୫

**ଖବରଦାତା ସମ୍ମିଳନୀରେ ଅଭିଯୋଗ କଲେ ସଂଖ୍ୟାଧିକ କର୍ମଚାରୀ**

ଭଦ୍ରକର ବରପଦା ଯାନ୍ତ୍ରିକ ମହାବିଦ୍ୟାଳୟକୁ ସମ୍ପୂର୍ଣ୍ଣ ବନ୍ଦ କରିଦେବା ପାଇଁ ଷଡ଼ଯନ୍ତ୍ର କରାଯାଉଥିବା କେତେକ କର୍ମଚାରୀ ଗୁରୁବାର ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି।

ସୂଚନା ଅନୁଯାୟୀ, ବରପଦା ଯାନ୍ତ୍ରିକ ମହାବିଦ୍ୟାଳୟର ପରିଚାଳନାଗତ ବିବାଦ କୋର୍ଟରେ ବିଚାରାଧୀନ ରହିଛି। ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ କ୍ରମେ ପରିଚାଳନା କମିଟିକୁ ସର୍ତ୍ତମୂଳକ ପରିଚାଳନା ଦାୟିତ୍ୱ ପ୍ରଦାନ କରାଯାଇଛି। ସର୍ତ୍ତ ଅନୁସାରେ ପରିଚାଳନା କମିଟି ପ୍ରତିମାସ ୭ ତାରିଖ ମଧ୍ୟରେ କର୍ମଚାରୀଙ୍କୁ ଦରମା ପୈଠ କରୁଥିଲା। କୋଭିଡ୍ କାରଣରୁ ଛାତ୍ରୀଛାତ୍ରମାନଙ୍କ ନାମଲେଖା ହ୍ରାସ ହେବା ଫଳରେ ମହାବିଦ୍ୟାଳୟର ଆର୍ଥିକ ସ୍ଥିତି ଉପରେ ବିଶେଷ ପ୍ରଭାବ ପଡ଼ିଛି। ଏହି କାରଣରୁ ପରିଚାଳନା କମିଟି ଧାର୍ଯ୍ୟ ସମୟରେ ଦରମା ଦେବାକୁ ସକ୍ଷମ ହୋଇ ପାରି ନ ଥିଲା। ଏନେଇ କେତେକ କର୍ମଚାରୀ ଉଚ୍ଚ ନ୍ୟାୟାଳୟରେ ପିଟିସନ (୨୦୮୫/୨୦୧୯) ଦାଖଲ ମଧ କରିଛନ୍ତି। ଯାହାର ଶୁଣାଣି ଗତ ଏପ୍ରିଲ ୨୫ ତାରିଖକୁ ଧାର୍ଯ୍ୟ ହୋଇଥିଲା। ମାତ୍ର କେତେଜଣ କର୍ମଚାରୀ ଅପେକ୍ଷା ନ କରି ଅନ୍ୟ କର୍ମଚାରୀଙ୍କୁ ପ୍ରବର୍ତ୍ତାଇ ମହାବିଦ୍ୟାଳୟ ଫାଟକ ଆଗରେ ଗଣଧାରଣାରେ ବସିଛନ୍ତି। କେତେକ ଚକ୍ରାନ୍ତକାରୀଙ୍କ ଦ୍ୱାରା ପ୍ରଭାବିତ ହୋଇ ମହାବିଦ୍ୟାଳୟର ସୁନାମକୁ ବଦ୍‌ନାମ କରିବା ସହ ଛାତ୍ରଛାତ୍ରୀଙ୍କ ନାମଲେଖା କ୍ଷେତ୍ରରେ ବ୍ୟାଘାତ ସୃଷ୍ଟି କରିବା ଓ କର୍ମଚାରୀଙ୍କ ଦରମା ପ୍ରଦାନରେ ମଧ ବାଧା ସୃଷ୍ଟି କରୁଛନ୍ତି । ଏହାକୁ ବିରୋଧ କରି କଲେଜ ଅଧକ୍ଷ ଏବଂ ବିଭାଗୀୟ ମୁଖ୍ୟମାନେ ଗତ ୧୮ତାରିଖରେ ଭଦ୍ରକ ଜିଲାପାଳଙ୍କୁ ଅବଗତ କରାଇଥିବା ମନୀନ୍ଦ୍ର କୁମାର ମହାନ୍ତି, ଲଳିତେନ୍ଦୁ ନାୟକ, ସଞ୍ଜିତ ରାୟ, ବିଜୟ କୁମାର ମହାନ୍ତି, ନିକୁଞ୍ଜ ଦୀକ୍ଷିତ, ଲକ୍ଷ୍ମୀକାନ୍ତ ଶଙ୍ଖୁଆ, ଦିଲ୍ଲୀପ କୁମାର ଜେନା, ଭାଗିରଥୀ ରାଉତ, ପ୍ରଦୀପ ବେହେରା, ସନ୍ତୋଷ ନାୟକ ପ୍ରମୁଖ ଖବରଦାତା ସମ୍ମିଳନୀରେ କହିଛନ୍ତି। ପ୍ରକାଶ ଥାଉକି, ବରପଦା ଯାନ୍ତ୍ରିକ ମହାବିଦ୍ୟାଳୟ ପରିଚାଳନାକୁ ନେଇ ଉଚ୍ଚ ନ୍ୟାୟାଳୟରେ ୪ଗୋଟି ମାମଲା ରୁଜୁ କରାଯାଇଛି।

# ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ମହିଳା

ପାଟଣା,୧୯।୫(ସ୍ୱ.ପ୍ର.)

**ଭରଣପୋଷଣ ଟଙ୍କା ମିଳିଲାନି**

କେନ୍ଦୁଝର ଜିଲା ପାଟଣା ଥାନା ଅଞ୍ଚଳର ତାରାମଣି ସାହୁ ତାଙ୍କ ସ୍ୱାମୀ ନିରଞ୍ଜନ ଛାଡି ଦ୍ୱିତୀୟ ବିବାହ କରିବା ପରେ ଭରଣ ପୋଷଣ ଅର୍ଥ ନ ଦେବାରୁ ସେ ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣିରେ ସ୍ୱାମୀଙ୍କ ବିରୋଧରେ କାର୍ଯ୍ୟନୁଷ୍ଠାନ ପାଇଁ ଦାବି ପତ୍ର ପ୍ରଦାନ କରିଛନ୍ତି।

ଅଭିଯୋଗ ଅନୁଯାୟୀ ତାରାମଣୀ ନିରଞ୍ଜନଙ୍କ ସହ ୧୧ ବର୍ଷ ତଳେ ପ୍ରେମ ବିବାହ କରିଥିଲେ। ଉଭୟଙ୍କ ଔରଷରୁ ଏକ କନ୍ୟା ସନ୍ତାନ ମଧ ରହିଛି। ତେବେ ୮ ବର୍ଷ ହେବ ନିରଞ୍ଜନ ତାରାମଣିଙ୍କୁ ଛାଡି ଦ୍ୱିତୀୟ ବିବାହ କରିବା ପରେ ତାରାମଣୀ କେନ୍ଦୁଝର ଫ୍ୟାମିଲି କୋର୍ଟରେ ଦ୍ୱାରସ୍ଥ ହୋଇଥିଲେ। ଫ୍ୟାମିଲିକୋର୍ଟ ତାଙ୍କ ଭରଣ ପୋଷଣ ପାଇଁ ମୋଟ ୧ଲକ୍ଷ ୮୦ ହଜାର ଟଙ୍କା ସହ ମାସକୁ ୫ହଜାର ୫ ଶହ ଟଙ୍କା ଦେବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ନିରଞ୍ଜନ ତାଙ୍କୁ ୨ ବର୍ଷ ହେବ ମେଣ୍ଟେନାନ୍ସ ପାଇଁ କୌଣସି ଟଙ୍କା ନ ଦେବାରୁ ଫ୍ୟାମିଲି କୋର୍ଟ ତାଙ୍କ ନାଁରେ ୱାରେଣ୍ଟ ଜାରି କରିଥିଲେ ହେଁ ପୋଲିସ ନିରଞ୍ଜନଙ୍କୁ ଗିରଫ କରୁନାହାନ୍ତି ବୋଲି ସେ ଏସ୍‌ପି ମିତ୍ରଭାନୁ ମହାପାତ୍ର ଓ ଜିଲାପାଳ ଆଶିଷ ଠାକରେଙ୍କ ନିକଟରେ ଅଭିଯୋଗ କରିଛନ୍ତି। ସେ ତାଙ୍କ ୧୧ ବର୍ଷ ଝିଅ ସହ ଅନେକ ଅଭାବ ଅସୁବିଧାରେ ରହୁଛନ୍ତି। ଏଣୁ ଝିଅର ପାଠ ପଢ଼ା ଦାୟିତ୍ୱ ସରକାର ଗ୍ରହଣ କରିବାକୁ ଅନ୍ୟଏକ ଦରଖାସ୍ତରେ ସେ ଜିଲାପାଳଙ୍କୁ ନିବେଦନ କରିଛନ୍ତି। ଏନେଇ ଜିଲାପାଳ ଏବଂ ଏସ୍‌ପି ତାଙ୍କୁ ତୁରନ୍ତ ନ୍ୟାୟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏସମ୍ପର୍କରେ ପାଟଣା ଥାନା ଅଧିକାରୀ ରାଜେନ୍ଦ୍ର ସ୍ୱାଇଁଙ୍କୁ ପଚାରିବାରୁ ନିରଞ୍ଜନଙ୍କୁ ଧରିବାକୁ ୨/୩ ଥର ତାଙ୍କ ଗାଁ ରେ ଚଢ଼ାଉ କରିଥିଲେ ହେଁ ସେ ଫେରାର ଅଛନ୍ତି। ତେବେ ତାଙ୍କୁ ତୁରନ୍ତ ଗିରଫ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ବର୍ଷକରେ ୭୨ ମେଗାୱାଟ୍ ଲୋଡ୍ ଚୋରି

ବାଲେଶ୍ୱର ଅଫିସ, ୧୯।୫

■ଟିପିଏନ୍‌ଓଡିଏଲ୍ ପକ୍ଷରୁ ବ୍ୟାପକ ଚଢ଼ାଉ
■୩୪ହଜାର ଉପଭୋକ୍ତାଙ୍କଠାରୁ ୫୦ କୋଟି ଜରିମାନା

ଉତ୍ତର ଓଡ଼ିଶା ବିଦ୍ୟୁତ୍ ଯୋଗାଣ ଦାୟିତ୍ୱରେ ଥିବା ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟାଟା ପାୱାର ନର୍ଦ୍ଦନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ୍ ଲିମିଟେଡ୍ (ଟିପିଏନ୍‌ଓଡିଏଲ୍) ବର୍ଷ ବର୍ଷ ଧରି ହେଉଥିବା ବିଦ୍ୟୁତ୍ ଚୋରିକୁ ରୋକିବା ପାଇଁ ବ୍ୟାପକ ବ୍ୟବସ୍ଥା ଆରମ୍ଭ କରିଛି। ଗତ ୧ବର୍ଷ ଧରି ଏନ୍‌ଫୋର୍ସମେଣ୍ଟ ଟିମ୍ ଦ୍ୱାରା ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ମିଟର ହେରଫେର, ହୁକ୍ ପକାଇବା, ମିଟର ବାଇପାସ୍ କରିବା ଆଦି ଜରିଆରେ ହୋଇଥିବା ୭୨ ମେଗାୱାଟ୍ ଲୋଡ୍ ବିଦ୍ୟୁତ୍ ଚୋରିକୁ ରୋକିବା ସହ ୩୪ହଜାର ଉପଭୋକ୍ତାଙ୍କଠାରୁ ୫୦ କୋଟି ଜରିମାନା କରାଯାଇଛି। ସେଥିମଧ୍ୟରୁ ୯କୋଟିର ଜରିମାନା ଆଦାୟ ହେବା ସହ ୩୧କୋଟି ଜରିମାନା ବକେୟା ଆଦାୟ କରାଯିବାର ଟିପିଏନ୍‌ଓଡିଏଲ୍‌ର ସିଇଓ ଭାସ୍କର ସରକାର ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଜଣାଇଛନ୍ତି।

ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣର ଏକ ପ୍ରମୁଖ ପ୍ରତିବନ୍ଧକ ହେଉଛି ବିଦ୍ୟୁତ୍ ଚୋରି। କାରଣ ତାହା ନେଟ୍‌ୱର୍କ ଉପରେ ଅଧିକ ଚାପ ସୃଷ୍ଟି କରେ ଏବଂ ଟ୍ରିପିଂ କରାଇଥାଏ। ଏହି ସମସ୍ୟାକୁ ଦୂର କରିବାର ଆବଶ୍ୟକତା ବିଚାରକୁ ନେଇ ଟିପିଏନ୍‌ଓଡିଏଲ୍ ପକ୍ଷରୁ ବିଦ୍ୟୁତ୍ ଚୋରିକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିବା ଲାଗି ଏନ୍‌ଫୋର୍ସମେଣ୍ଟ ଟିମ୍‌ଗୁଡ଼ିକୁ ସମସ୍ତ ଜାଗାରେ ମୁତୟନ କରାଯାଇଥିଲା। ସେହିଭଳି ବିଦ୍ୟୁତ୍ ଚୋରିକୁ ଧରିବା ଲାଗି ପ୍ରତି ଟିମ୍‌ର ୬ଜଣ ଲେଖାଏଁ ସଦସ୍ୟ ବିଶିଷ୍ଟ ମୋଟ୍ ୨୦ଟି ଟିମ୍‌କୁ (୧୨୦ ଜଣ) ୨୪ ଘଣ୍ଟିଆ ମୁତୟନ ରଖାଯାଇଛି। ଏତଦ୍‌ଦ୍ୱାରା ବିଦ୍ୟୁତ୍ ଚୋରି କରୁଥିବା ଲୋକଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି। ନିଶ୍ଚିତ ଭାବରେ ବିଦ୍ୟୁତ୍ ଚୋରି କମିବା ପରିଲକ୍ଷିତ ହେଉଛି। ଟିପିଏନ୍‌ଓଡିଏଲ୍ ତରଫରୁ ବିଦ୍ୟୁତ୍ ଚୋରି ରୋକିବା ପାଇଁ ଉପଭୋକ୍ତାମାନଙ୍କ ସହଯୋଗ ଲୋଡ଼ାଯାଇଛି। ଚୋରି ଜଣାଇବା ପାଇଁ ଟିପିଏନ୍‌ଓଡିଏଲ୍ ୯୪୩୮୯୦୬୦୦୨ ଏବଂ ୯୪୩୮୯୦୬୨୧୩ ନମ୍ବର ଜାରି କରିଛି। ଏକ ଦାୟିତ୍ୱବାନ ବିଦ୍ୟୁତ୍ କମ୍ପାନୀ ଭାବେ ଉପଭୋକ୍ତାମାନଙ୍କୁ ଭରସାଯୋଗ୍ୟ ଓ ସୁଲଭ ବିଦ୍ୟୁତ୍ ଯୋଗାଇ ଦେବା ଉପରେ ଗୁରୁତ୍ୱ ଦିଆଯାଉଛି। ଉତ୍ତମ ସେବା ପାଇବା, ଯେକୌଣସି ଅନୁସନ୍ଧାନ ଓ ସମସ୍ୟା ପାଇଁ କୌଣସି ବ୍ୟକ୍ତିବିଶେଷଙ୍କୁ କଲ୍ ନ କରି ୨୪ଘଣ୍ଟିଆ କଲ୍ ସେଣ୍ଟର ୧୯୧୨କୁ କଲ୍ କରି ଜଣାଇବା ପାଇଁ ଟିପିଏନ୍‌ଓଡିଏଲ୍‌ର ସିଇଓ ସରକାର ସୂଚନା ଦେଇଛନ୍ତି।

# ପଡିଆରେ ପଢୁଛନ୍ତି ଛାତ୍ରୀଛାତ୍ର

ଆନନ୍ଦପୁର/କଣ୍ଟିପାଳ,୧୯।୫ (ସ୍ୱ.ପ୍ର./ଡି.ଏନ୍.ଏ.)



୫ଟି ଯୋଜନାରେ ବିଦ୍ୟାଳୟର ନୂତନ ରୂପରେଖ ଦିଆଯାଉଛି। ସରକାରୀ ବିଦ୍ୟାଳୟ ପ୍ରତି ଛାତ୍ରଛାତ୍ରୀମାନଙ୍କୁ ଆକୃଷ୍ଟ କରିବାକୁ ବିଦ୍ୟାଳୟକୁ ଏକ ଶୈକ୍ଷିକ ବାତାବରଣ ଦେବାକୁ ଉଦ୍ୟମ କରାଯାଉଛି। ତେବେ ଏଭଳି କ୍ଷେତ୍ରରେ ଆନନ୍ଦପୁର ବ୍ଲକ କଣ୍ଟିପାଳ ପଞ୍ଚାୟତ ରାଇପାଳ ସରକାରୀ ପ୍ରାଥମିକ ବିଦ୍ୟାଳୟର ଅବସ୍ଥାକୁ ଦେଖିଲେ ଶିକ୍ଷାବ୍ୟବସ୍ଥା ପ୍ରତି ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ନା ବସିବାକୁ ଶ୍ରେଣୀଗୃହ ଅଛି ନା ପାଠ ପଢ଼ାଇବାକୁ ଶିକ୍ଷକ ଅଛନ୍ତି। ବିଭିନ୍ନ ସମସ୍ୟା ଦେଇ ଗତି କରୁଛି ଉକ୍ତ ବିଦ୍ୟାଳୟ। କେତେକ ଗଣମାଧ୍ୟମ ପ୍ରତିନିଧି ଗୁରୁବାର ଏହି ବିଦ୍ୟାଳୟରେ ପହଞ୍ଚିଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଖୋଲାମେଲା ଅବସ୍ଥାରେ ପଢୁଥିବା ଦେଖି ସେମାନଙ୍କୁ ଏହାର କାରଣ ପଚରାଯିବାରୁ ବିଦ୍ୟାଳୟର ଶ୍ରେଣୀଗୃହରୁ ପ୍ଲାଷ୍ଟର ଖସୁଥିବାରୁ ଆମେ ବାହାରେ ପଢୁଛୁ ବୋଲି ଉତ୍ତର ରଖିଥିଲେ। ଜଣେ ପଞ୍ଚମ ଶେଣୀ ଛାତ୍ରଙ୍କ ଉତ୍ତର ସମସ୍ତଙ୍କୁ ସ୍ତବ୍ଧ କରିଥିଲା। ସରକାର ସବୁଆଡେ ବିଦ୍ୟାଳୟ ପାଇଁ ଗୃହ ଦେଉଛନ୍ତି, ବିଦ୍ୟାଳୟ ଗୁଡ଼ିକୁ ଚିକ୍ ଚିକ୍ କରୁଛନ୍ତି, ଆମକୁ ଘର ଖଣ୍ଡେ ଦିଅନ୍ତୁ ବୋଲି କହିଥିଲେ।

ଉକ୍ତ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀରେ ୫୫ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ସେମାନଙ୍କୁ ପଢ଼ାଇବା ପାଇଁ ଜଣେ ଶିକ୍ଷକ ଓ ଜଣେ ଶିକ୍ଷୟତ୍ରୀ ଅଛନ୍ତି। ପିଲାମାନଙ୍କ ପାଠପଢା ପାଇଁ ରହିଛି ଗୋଟିଏ ମାତ୍ର ଶ୍ରେଣୀ ଗୃହ। ୧୫ ଦିନ ତଳେ ସେହି ଶ୍ରେଣୀ ଗୃହର ପ୍ଲାଷ୍ଟର ଖସି ଜଣେ ଛାତ୍ର ଆହତ ହୋଇଥିଲେ। ଏଭଳି ଘଟଣାକୁ ନେଇ ଅଭିଭାବକମାନେ ସେମାନଙ୍କ ପିଲାଙ୍କୁ ବିଦ୍ୟାଳୟକୁ ଛାଡିବାକୁ ଅମଙ୍ଗ ହୋଇଥିଲେ। ପରବର୍ତ୍ତୀ ସମୟରେ ଶ୍ରେଣୀ ଗୃହ ବାହାରେ ପାଠପଢ଼ାଇବାର ବ୍ୟବସ୍ଥା ଗ୍ରହଣ କରାଯିବା ପରେ ଛାତ୍ରୀଛାତ୍ରମାନେ ସ୍ୱାଭାବିକ ଭାବେ ବିଦ୍ୟାଳୟକୁ ଆସିଥିଲେ। ବିଦ୍ୟାଳୟର ଏଭଳି ଅବସ୍ଥାକୁ ନେଇ ବହୁବାର ଉଚ୍ଚ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ ଏହାର କୌଣସି ସମାଧାନ ହେଉନାହିଁ। ତୁରନ୍ତ ବିଦ୍ୟାଳୟ ସମସ୍ୟା ସମାଧାନ କରିବାକୁ ଅଭିଭାବକ ଓ ଛାତ୍ରୀଛାତ୍ରମାନେ ପ୍ରଶାସନକୁ ନିବେଦନ କରିଛନ୍ତି।

## ବିଷ ପିଇ ମହିଳାଙ୍କ ଆତ୍ମହତ୍ୟା

ବାଲିଆପାଳ,(ସ୍ୱ.ପ୍ର.): ବାଲେଶ୍ୱର ଜିଲା ବାଲିଆପାଳ ଥାନା ନାରାୟଣପୁରପନ୍ତା ଗ୍ରାମର ଦାମୋଦର ଦଳାଇଙ୍କ ସ୍ତ୍ରୀ ବାସନ୍ତୀ(୬୦) ବୁଧବାର ସନ୍ଧ୍ୟାରେ ବିଷ ପିଇ ଆତ୍ମହତ୍ୟା କରିଛନ୍ତି। ପାରିବାରିକ ଗଣ୍ଡଗୋଳରୁ ସେ ଆତ୍ମହତ୍ୟା କରିଥିବା ଜଣାପଡିଛି। ଏନେଇ ବାଲିଆପାଳ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୧୯/୨୨) ରୁଜୁ ହୋଇଛି।

### ସଂକ୍ଷେପରେ

## ମାଟି ପକାଇ ଅବରୋଧକୁ ଗ୍ରାମବାସୀଙ୍କ ବିରୋଧ

ସୋର, ୧୯।୫(ଡି.ଏନ.ଏ.)-ସୋର ବ୍ଲକ ମଧୁସୂଦନପୁର ପଞ୍ଚାୟତ କୁରୁଣିଆ ଗ୍ରାମର ଜଣେ ବ୍ୟକ୍ତି ନିଜସ୍ୱ ଜମିରେ ଏକ ପୋଖରୀ ଖୋଳି ଏଥିରେ ମାଟି ପକାଇ ରାସ୍ତା ଏବଂ ପାଣି ଯିବା ରାସ୍ତାକୁ ଅବରୋଧ କରିବାରୁ ସ୍ଥାନୀୟ ଗ୍ରାମବାସୀ ଏହାକୁ ବିରୋଧ କରି ସୋର ତହସିଲଦାର ଏବଂ ସୋର ଥାନାରେ ଅଭିଯୋଗ କରିଛନ୍ତି। ଏହି ଗ୍ରାମସ୍ଥ ତାଳଗଡ଼ିଆ ହରିଜନସାହି ନିକଟରେ କୁରୁଣିଆ ଗ୍ରାମର କୃପାସିନ୍ଧୁ ଜେନାଙ୍କ ପୁଅ ଉପେନ୍ଦ୍ର ଜେନା ନିଜସ୍ୱ ଜମି ଉପରେ ଏକ ପୋଖରୀ ଖୋଳୁଛନ୍ତି। ଏହାର ମାଟିକୁ ନିକଟରେ ଥିବା ସରକାରୀ ଜମି ଉପରେ ପକାଉଛନ୍ତି। ସାଧାରଣ ଲୋକେ ପୁରୁଷାନୁକ୍ରମେ ରାସ୍ତା ଭାବେ ବ୍ୟବହାର କରୁଥିବା ବେଳେ ଏହାକୁ ଅବରୋଧ କରିବା ଫଳରେ ଚାଲିବା, ଗୋରୁ ଯାତାୟାତ ଏବଂ ପାଣି ନିଷ୍କାସନ ପାଇଁ ସମସ୍ୟା ହେବ ବୋଲି ଗ୍ରାମବାସୀ ଅଭିଯୋଗରେ ଦର୍ଶାଇଛନ୍ତି। ଏ ବାବଦରେ ସୋର ତହସିଲଦାର ଏବଂ ଥାନାଧିକାରିଣୀ ତୁରନ୍ତ ପଦକ୍ଷେପ ନେବା ପାଇଁ ଗ୍ରାମର ମଦନ ଜେନା, ରବୀନ୍ଦ୍ର ଜେନା, ରତ୍ନାକର ଜେନା, ପ୍ରାଣବନ୍ଧୁ ଦାସ, ଭଗବାନ ଦାସ, ନନୋରଂଜନ ଦାସ, ବାବାଜୀ ଜେନା, ମଣିଭଦ୍ର ଜେନା, ମୋହନ ଜେନା, ସୁମନ ଜେନା ପ୍ରମୁଖ ତାଳଗଡ଼ିଆ ହରିଜନ ସାହି ବାସିନ୍ଦା ନିବେଦନ କରିଛନ୍ତି।

## ନୂଆବଜାର ଲେଭଲ କ୍ରସିଂ ରାସ୍ତା ମରଣଯନ୍ତା

ଜଳେଶ୍ୱର, ୧୯।୫(ଡି.ଏନ.ଏ.)- ବାଲେଶ୍ୱର ଜିଲା ଜଳେଶ୍ୱର ନୂଆବଜାରସ୍ଥିତ ଲେଭଲକ୍ରସିଂ ନଂ. ୪୫ ନିକଟରେ ରାସ୍ତା ମରଣଯନ୍ତା ପାଲଟିଛି। ରାସ୍ତାରେ ବଡ଼ ବଡ଼ ଗାତ ସୃଷ୍ଟି ହୋଇଥିବାରୁ ବାରମ୍ବାର ଦୁର୍ଘଟଣା ବଢୁଛି। ଏନେଇ ଜଳେଶ୍ୱର ଭାଜପା ଶାଖା ପକ୍ଷରୁ ଡିଆର୍‌ଏମ୍‌ଙ୍କ ଦୃଷ୍ଟି ଆକର୍ଷଣ କରାଯିବାରୁ ଅତିଶୀଘ୍ର ମରାମତି ହେବା ସମ୍ପର୍କରେ ସୂଚନା ଦେଇଛନ୍ତି। ଜଳେଶ୍ୱର-ଚନ୍ଦନେଶ୍ୱର-ଦୀଘା ୫୭ ନଂ. ରାଜ୍ୟ ରାଜପଥର ନୂଆବଜାରଠାରେ ରେଳ ଲେଭଲ କ୍ରସିଂ ନଂ. ୪୫ ଏକ ଅଗମ୍ୟ ପଥରେ ପରିଣତ ହୋଇଛି। ୫ବର୍ଷ ଧରି ରେଳ ଓଭରବ୍ରିଜ୍ କାମ ଶେଷ ହେଉ ନ ଥିବାରୁ ସେଠାରେ ଯାତ୍ରୀମାନଙ୍କୁ ଦୀର୍ଘ ସମୟ ଅପେକ୍ଷା କରିବାକୁ ପଡୁଛି। ବାରମ୍ବାର ଦୁର୍ଘଟଣା ଘଟୁଥିବାରୁ ଭାଜପା ପକ୍ଷରୁ ରାଜ୍ୟ ଉଚ୍ଚନ୍ୟାୟାଳୟର ଆଇନ୍‌ଜୀବୀ ରାମଚନ୍ଦ୍ର ଜେନା ଖଡ଼ଗପୁରସ୍ଥିତ ଡିଆର୍‌ଏମ୍ ମନୋରଞ୍ଜନ ପ୍ରଧାନଙ୍କ ସହିତ ଦୀର୍ଘ ସମୟ ଫୋନ୍ ଯୋଗେ ଆଲୋଚନା କରିଥିଲେ।

## ପ୍ରାଧାପକଙ୍କୁ ସମ୍ବର୍ଦ୍ଧନା

ଧାମନଗର, ୧୯।୫ (ଡି.ଏନ.ଏ.): ଭଦ୍ରକ ଜିଲା ଧାମନଗର ମହାବିଦ୍ୟାଳୟର ରସାୟନ ବିଜ୍ଞାନ ବିଭାଗୀୟ ମୁଖ୍ୟ ତଥା ପ୍ରାଧାପକ ଡ ବନମାଳୀ ଦାସଙ୍କୁ ପିଏଚ୍‌ଡି ଡିଗ୍ରୀ ହାସଲ କରିଥିବା ଅବସରରେ ସମ୍ବର୍ଦ୍ଧନା ଦିଆଯାଇଛି। ମହାବିଦ୍ୟାଳୟ ଅଧକ୍ଷ ପବିତ୍ର ପାଣିଗ୍ରାହୀ, ଅଧାପିକା ଅଧାପକ ଓ ଅଣଶିକ୍ଷକ କର୍ମଚାରୀଙ୍କ ପକ୍ଷରୁ ଉକ୍ତ ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି। ଡ. ଦାସ ତାଙ୍କ ଗବେଷଣା ନିମନ୍ତେ ଏହି ଡିଗ୍ରୀ ପାଇ ମହାବିଦ୍ୟାଳୟର ଗୌରବ ଆଣିଥିବାରୁ ମହାବିଦ୍ୟାଳୟ ସହକର୍ମୀ ଓ ଛାତ୍ରୀଛାତ୍ରଙ୍କ ମଧରେ ଆନନ୍ଦ ପ୍ରକାଶ ପାଇଛି।

# ସ୍ଲରି ପାଇପ୍ ଲାଇନ୍‌ରେ ଲୁହାପଥର ପରିବହନକୁ ବିରୋଧ

**କେନ୍ଦୁଝର, ୧୯।୫ (ସ୍ୱ.ପ୍ର.)**

କେନ୍ଦୁଝର ଜିଲାର ବିଭିନ୍ନ ଖଣି ଗୁଡ଼ିକରୁ ସ୍ଲରି ପାଇପ ଲାଇନରେ ଲୁହାପଥର ପରିବହନକୁ ବିରୋଧ କରି ହଜାର ହଜାର ଟ୍ରକ୍ ମାଲିକ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ। ଜିଲାର ୬ ଟ୍ରକ୍ ମାଲିକ ସଂଘକୁ ନେଇ ଗଠିତ କୋର କମିଟି ଡାକରାରେ ସମ୍ପୃକ୍ତ ଟ୍ରକ ମାଲିକ କର୍ମକର୍ତ୍ତାମାନେ ଗୁରୁବାର ନଗରଭବନ ପଡ଼ିଆରୁ ଏକ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ସୁଷମା ବିଲୁଙ୍ଗଙ୍କ ଜରିଆରେ ଦାବିପତ୍ର ଦେଇଛନ୍ତି।

ବହୁ ଆଗରୁ ଜିଲାରେ ଖଣିଜ ପଥର ପରିବହନ ଟ୍ରକ୍ ଜରିଆରେ ହୋଇ ଆସୁଛି। ରାସ୍ତାଘାଟ ସମସ୍ୟା ସତ୍ତ୍ୱେ ଟ୍ରକ୍‌ରେ ଲୁହାପଥର ପରିବହନ ଦ୍ୱାରା ଖଣିମାଲିକ, କାରଖାନା ମାଲିକମାନେ ଲାଭବାନ ହୋଇଥିବାବେଳେ ସରକାର ବ୍ୟାପକ ରାଜସ୍ୱ ପାଇଛନ୍ତି। ଏହି ଟ୍ରକ୍ ବ୍ୟବସାୟ ଦ୍ୱାରା ବହୁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବା ସହ ଲକ୍ଷାଧିକ ପରିବାର ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଉପକୃତ ହୋଇଆସୁଛନ୍ତି। ପରବର୍ତ୍ତୀ ସମୟରେ ଖଣି ଅଞ୍ଚଳକୁ ରେଳ ଲାଇନ ସଂଯୋଗ ହେବା ପରେ ଲୁହାପଥର ପରିବହନ ଟ୍ରେନ ଜରିଆରେ ହେବା ଫଳରେ ଟ୍ରକ୍ ମାଲିକ ମାନେ କ୍ଷତିଗ୍ରସ୍ତ ହୋଇଛନ୍ତି । ଏବେ ସ୍ଲରି ପାଇପ ଦ୍ୱାରା ଲୁହାପଥର ପରିବହନ ଉଦ୍ୟମ ହେଉଥିବାରୁ ପରିବହନ କାମ ନ ପାଇ ଟ୍ରକ ମାଲିକ ମାନେ ଅଧିକ କ୍ଷତିଗ୍ରସ୍ତ ହେବେ ବୋଲି ଯୁଗ୍ମ ସମ୍ପାଦକ ଦେବାଶିଷ ପଟ୍ଟନାୟକ କହିଛନ୍ତି। ଏନେଇ ବାରମ୍ବାର ଖଣିସଂସ୍ଥା ଓ କାରଖାନା ମାଲିକଙ୍କୁ ଜଣାଇଲେ ମଧ୍ୟ ଶୁଣୁ ନ ଥିବାରୁ ଟ୍ରକ ମାଲିକ ଏକାଠି ହୋଇ ଏଭଳି ଆନ୍ଦୋଳନାତ୍ମକ ପଦକ୍ଷେପ ନେଇଛନ୍ତି। ଏହି ସମାବେଶରେ ବିଭିନ୍ନ ଟ୍ରକ ମାଲିକ ସଂଘର କାର୍ଯ୍ୟକର୍ତ୍ତା ତଥା ସଦସ୍ୟମାନେ ସାମିଲ ହୋଇ ପାଇପ ଦ୍ୱାରା ପରିବହନକୁ ବନ୍ଦ କରିବାକୁ ଦାବି କରିଛନ୍ତି। ନଚେତ ଆଗାମୀ ଦିନରେ ଅର୍ଥନୈତିକ ଅବରୋଧ ସହ ଜିଲାବ୍ୟାପୀ ଆନ୍ଦୋଳନ କରାଯିବ ବୋଲି କୋର କମିଟି ପକ୍ଷରୁ ଚେତାବନୀ ଦିଆଯାଇଛି।



ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିଥିବା ଟ୍ରକ୍ ମାଲିକ ସଂଘର କର୍ମକର୍ତ୍ତାମାନେ।

# ଧାମନଗରକ କଲେଜରେ ଅନୁସୂଚିତ ଜାତି ବିଭାଗ ନିର୍ଦ୍ଦେଶକ

### ଅସମ୍ପୂର୍ଣ୍ଣ ବାଳିକା ଛାତ୍ରୀ ନିବାସ ବୁଲି ଦେଖିଲେ

**ଧାମନଗର, ୧୯।୫(ଡି.ଏନ.ଏ)**

ଭଦ୍ରକ ଜିଲା ଧାମନଗର ମହାବିଦ୍ୟାଳୟ ପରିସରରେ ନିର୍ମାଣାଧୀନ ୧୦୦ ଶଯ୍ୟା ବିଶିଷ୍ଟ ଅନୁସୂଚିତ ଜନଜାତି ବାଳିକା ଛାତ୍ରୀ ନିବାସକୁ ଗୁରୁବାର ରାଜ୍ୟ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ନିର୍ଦ୍ଦେଶକ ଲକ୍ଷ୍ମଣ ମଲିକ ପରିଦର୍ଶନ କରିଛନ୍ତି। ୨୦୧୪ରୁ ଏହି ଛାତ୍ରୀ ନିବାସର ଭୂମିପୂଜନ ହୋଇଥିଲେ ହେଁ ଅଦ୍ୟାବଧି କାର୍ଯ୍ୟ ଶେଷ ହୋଇ ନାହିଁ। ନିର୍ମାଣାଧିନ ଏହି ହଷ୍ଟେଲକୁ ପାନୀୟ ଜଳ ଯୋଗାଣ, ବିଦ୍ୟୁତୀକରଣ, ନୂତନ ରାସ୍ତା ସଂଯୋଗୀକରଣ ପାଇଁ ଅର୍ଥର ଆବଶ୍ୟକତା ଥିବାରୁ ଛାତ୍ରୀ ନିବାସ ଅସମ୍ପୂର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ଏନେଇ ବିଭିନ୍ନ ସମୟରେ ଅଭିଯୋଗ ହେବା ପରେ ଗୁରୁବାର ରାଜ୍ୟ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ନିର୍ଦ୍ଦେଶକ ମଲିକ, ଭଦ୍ରକ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଜିଲାପାଳ ତ୍ରିଲୋଚନ ମାଝି ,ଜିଲା ସମାଜ ମଙ୍ଗଳ ଅଧିକାରୀ ଜୟନ୍ତ ଜେନା ପ୍ରମୁଖ ଛାତ୍ରୀ ନିବାସ ପରିଦର୍ଶନରେ ଆସିଥିଲେ। ଅସମ୍ପୂର୍ଣ୍ଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ପାଖାପାଖି ୭୬ ଲକ୍ଷ ଟଙ୍କା ଆବଶ୍ୟକତା ଥିବା ବିଭାଗୀୟ ଯନ୍ତ୍ରୀ କହିଥିଲେ। ୭ ଦିନ ମଧ୍ୟରେ ଏହାର ଏଷ୍ଟିମେଟ କରି ପଠାଇବା ପାଇଁ ଜିଲାପାଳ ଧାମନଗର ବିଡିଓ ଦୁର୍ଗା ଚରଣ ମୁର୍ମୁଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶୋକ ନାୟକ, ମହାବିଦ୍ୟାଳୟ ଅଧକ୍ଷ ପବିତ୍ର ପାଣିଗ୍ରାହୀ, ବ୍ଲକ ସହକାରୀ ଯନ୍ତ୍ରୀ ପୂର୍ଣ୍ଣଚନ୍ଦ୍ର ହେମ୍ବ୍ରମ, କନିଷ୍ଠ ଯନ୍ତ୍ରୀ ଦେବେନ୍ଦ୍ର ନାୟକ, ହରେକୃଷ୍ଣ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।


ଅନୁସୂଚିତ ଜାତି ଓ ଜନଜାତି ବିଭାଗ ନିର୍ଦ୍ଦେଶକଙ୍କ ସହ ଅନ୍ୟମାନେ ଛାତ୍ରୀନିବାସ ବୁଲି ଦେଖୁଛନ୍ତି।

# ବିଦ୍ୟୁତ୍ ସମସ୍ୟା ନ ସୁଧୁରିଲେ ଜିଲାପାଳ ଅଫିସ୍ ଘେରାଉ ଚେତାବନୀ



ଖବରଦାତା ସମ୍ମିଳନୀରେ ନର୍ଥ ଓଡ଼ିଶା ବିଦ୍ୟୁତ୍ ଗ୍ରାହକ ସଂଘର କର୍ମକର୍ତ୍ତା।

**ବାଲେଶ୍ୱର ଅଫିସ,୧୯।୫**

ବାଲେଶ୍ୱର ସହର ଗାନ୍ଧୀ ସ୍ମୃତିଭବନ ନିକଟସ୍ଥ ଷ୍ଟେଶନ କ୍ଲବ ପରିସରରେ ନର୍ଥ ଓଡ଼ିଶା ବିଦ୍ୟୁତ୍ ଗ୍ରାହକ ସଂଘ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ସଂଘ ଆବାହକ ଗିରିଜା ଶଙ୍କର ଦାସ ଉତ୍ତର ଓଡ଼ିଶା ବିଦ୍ୟୁତ୍ ବିତରଣ ଦାୟିତ୍ୱରେ ଥିବା ଟାଟା ପାୱାର ନର୍ଦ୍ଦନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ୍ ଲିମିଟେଡ୍ (ଟିପିଏନ୍‌ଓଡିଏଲ୍) ପ୍ରଥମରୁ ବହୁ ପ୍ରତିଶ୍ରୁତି ଦେଇଆସିଥିଲେ ମଧ୍ୟ ଏବେ ବିଦ୍ୟୁତ୍ ସମସ୍ୟା ଚରମସୀମାରେ ପହଞ୍ଚିଛି। ବିଭାଗ ପକ୍ଷରୁ ଉର୍ଜାମିତ୍ର ମାଧ୍ୟମରେ ସେବା ଉପଲବ୍ଧ ହେଉ ନ ଥିବା, ସେକ୍ସନ୍ ୱାଇଜ୍ ନିଃଶୁଳ୍କ ନମ୍ବର ନ ଦେଇ ବିଲ୍ ମାଧ୍ୟମରେ ନିଃଶୁଳ୍କ ନମ୍ବର ଦେବା, ମିଟର ରିଡିଂ ୨୦ରୁ ୨୫ଦିନ ମଧ୍ୟରେ ନେଉଥିବାରୁ ବର୍ଷକୁ ୧୩ରୁ ୧୪ଥର ବିଲ୍ ଦିଆଯାଉଛି। ଏହି ଏନର୍ଜି ଚାର୍ଜ ପାଇଁ ମାସକୁ ଥରକରୁ ଅଧିକ ବିଲ୍ ଦିଆଯାଉଛି। ଏଭଳି ବ୍ୟବସ୍ଥା ତୁରନ୍ତ ବନ୍ଦ କରାଯିବାକୁ ଦାବି ହୋଇଛି। ଓଡ଼ିଶାରେ ବିଦ୍ୟୁତ୍ ବଳକା ବୋଲି ସରକାର ବିଜ୍ଞପ୍ତି ପ୍ରକାଶ କଲା ପରେ କାହିଁକି ବାରମ୍ବାର ଅଘୋଷିତ ବିଦ୍ୟୁତକାଟ୍ ହେଉଛି, ମିଟର ରିଡିଂ ଯେଉଁମାନଙ୍କର ୫/୬ ମାସରେ ଥରେ ହେଉଛି ସେମାନେ ରିହାତି କେମିତି ପାଇବେ। ଡୋର କଲେକଶନ ପାଇଁ ଉପଯୁକ୍ତ ବ୍ୟବସ୍ଥା କରାଯିବା ଆବଶ୍ୟକ ଏବଂ ଏନର୍ଜି ବିଲ୍‌ର ସରଳୀକରଣ କରିବା ପ୍ରସଙ୍ଗ ଆଦି ଉପରେ ହେଉଥିବା ଅବ୍ୟବସ୍ଥା ସମ୍ପର୍କରେ ସୂଚନା ଦେଇଥିଲେ।

ଆଇନଜୀବୀ ବିଜୟ ପାଣିଗ୍ରାହୀ, ଯୁବନେତା ବିକ୍ରମ ପଣ୍ଡା, ଶ୍ରଦ୍ଧାଞ୍ଜଳି ରାୟ, ନିଶିଥ କୁମାର ବାରିକ, ଅୟନ ସେନ, ସୁଖମୟ ଦାସ, ରଘୁନାଥ ଲେଙ୍କା, ନିକୁଞ୍ଜ କିଶୋର ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଟିପିଏନ୍‌ଓଡିଏଲ୍‌ର ଏହି ଗ୍ରାହକ ସମ୍ବନ୍ଧୀୟ ସମସ୍ୟା ବାବଦରେ ପୂର୍ବରୁ ଜିଲା ପ୍ରଶାସନ ତଥା ସ୍ଥାନୀୟ ଲୋକ ପ୍ରତିନିଧି ଏପରିକି ରାଜ୍ୟ ସରକାରଙ୍କୁ ବହୁବାର ଅବଗତ କରାଯାଇଥିଲେ ହେଁ କୌଣସି ପଦକ୍ଷେପ ନିଆଯାଇନାହିଁ। ଆଗାମୀ ୧୫ଦିନ ମଧ୍ୟରେ ଏନେଇ ନିଷ୍ପତ୍ତି ନିଆ ନ ଗଲେ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ଚେତାବନୀ ଦେଇଛନ୍ତି।

## ବିଧବା ଭାମାଙ୍କୁ ଭେଟିଲେ ସାମାଜିକ ସୁରକ୍ଷା ଅଧିକାରିଣୀ

### ଧରିତ୍ରୀ ପ୍ରଭାବ

**ଖଇରା, ୧୯।୫(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ବାଉଁଶଗଡିଆ ପଞ୍ଚାୟତ ଶାଳଗଡିଆ ପାଇକସାହି ଗ୍ରାମର ଭତ୍ତାରୁ ବଞ୍ଚିତ ଥିବା ବିଧବା ଭାମା ନାଇକିଙ୍କୁ ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣୀ ସାଲିମା ରାଉତ ଗୁରୁବାର ସକାଳେ ଭେଟି ଭତ୍ତା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଜୁନ ମାସର ଅନ୍ୟମାନଙ୍କୁ ଭତ୍ତା ପ୍ରଦାନ ସମୟରେ



ତାଙ୍କୁ ମଧ ଭତ୍ତା ଦିଆଯିବ ବୋଲି ଭାମାଙ୍କ ସହ ଆଲୋଚନା ବେଳେ ଅଧିକାରିଣୀ ଜଣକ କହିଥିଲେ । ଗତ ୯ତାରିଖରେ ୫ଥର ଆବେଦନ ପରେ ବି ଭତ୍ତା ମିଳୁ ନ ଥିବା ନେଇ ଦୈନିକ ଧରିତ୍ରୀରେ ପ୍ରକାଶ ପାଇବା ପରେ ପ୍ରଶାସନ ଭତ୍ତା ପ୍ରଦାନ ନିମିତ୍ତ ତତ୍ପରତା ପ୍ରକାଶ କରିଛି ।

# ହାତରେ ଝାଡୁ ଧରି ସୁସ୍ଥ ପରିବେଶର ବାର୍ତ୍ତା ଦେଲେ

### ପୁଣି ଚର୍ଚ୍ଚାରେ ମନ୍ତ୍ରୀ

**ଖଇରା, ୧୯।୫(ଡି.ଏନ.ଏ.)**

ରାଜ୍ୟ ପର୍ଯ୍ୟଟନ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରହୀ ଭିନ୍ନ ଶୈଳୀର କାର୍ଯ୍ୟକୁ ନେଇ ଚର୍ଚ୍ଚାରେ ରହି ଆସିଛନ୍ତି । କେତେବେଳେ ଚା' ତିଆରି କରି ତ ଆଉ କେବେ ହକର ସାଜି ଖବରକାଗଜ ବାଣ୍ଟି ଭିନ୍ନ ଭିନ୍ନ ଗୋଷ୍ଠୀ ଓ ସମ୍ପ୍ରଦାୟର ନିକଟତର ହୋଇପାରିଛନ୍ତି । ଗୁରୁବାର ପୁଣି ଥରେ ଝାଡୁଧରି ଶୌଚାଳୟ ସଫା କରି ଚର୍ଚ୍ଚାର ପରିସରକୁ ଆସିଛନ୍ତି।

ମନ୍ତ୍ରୀ ଗୁରୁବାର ସକାଳେ ଅଚାନକ ଖଇରା ହାଇସ୍କୁଲକୁ ପରିଦର୍ଶନରେ ଯାଇଥିଲେ। ପ୍ରଥମେ ଶୌଚାଳୟ ଯାଇ ମଇଳା ଜମିବା ଯୋଗୁ ଏହା ଛାତ୍ରୀଛାତ୍ରଙ୍କ ଦ୍ୱାରା ଅବ୍ୟବହୃତ ହୋଇରହିବା ଏବଂ ପାଣି ସଂଯୋଗ ନ ଥିବା ଜାଣିବାକୁ ପାଇଥିଲେ। ଅନ୍ୟକୁ ନିର୍ଦ୍ଦେଶ ଦେବା ପରିବର୍ତ୍ତେ ନିଜେ ଝାଡୁ ଯରି ପରିସ୍ରାଗାର ଓ ବେସିନକୁ ସଫା କରିଥିଲେ। ହାଇସ୍କୁଲ ରୂପାନ୍ତରଣ ଦାୟିତ୍ୱରେ ଥିବା ବିଡିଓ ପର୍ଶୁରାମ ପଣ୍ଡା ଓ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଏସବୁ ବିଷୟ ଉପରେ ଆବଶ୍ୟକ ଦୃଷ୍ଟି ଦେବାକୁ ତାଗିଦ୍ କରିଥିଲେ। ପାଣି ବ୍ୟବସ୍ଥାକୁ ବ୍ୟବସ୍ଥିତ କରିବାକୁ ପାନୀୟଜଳ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଦ୍ୟାଳୟର ଶୈକ୍ଷିକ ପରିବେଶ ପାଇଁ ଶୌଚାଳୟକୁ ସଫା ରଖିବାର ଆବଶ୍ୟକତା ରହିଛି । ଏହା ପରଠାରୁ ଓଡିଶା ମୋ ପରିବାର ଆନୁକୂଲ୍ୟରେ ପ୍ରାୟ ସମସ୍ତ ବିଦ୍ୟାଳୟରେ ଥିବା ଶୌଚାଳୟ ପରିଷ୍କାର କରାଯିବ ବୋଲି ମନ୍ତ୍ରୀ ପାଣିଗ୍ରାହୀ କହିଛନ୍ତି ।


ଝାଡୁ ଧରି ଶୌଚାଳୟକୁ ପରିଷ୍କାର କରୁଛନ୍ତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ।

# ପାନୀୟ ଜଳ ପାଇପ୍ ବିଛାରେ ଦୁର୍ନୀତି ନେଇ ଭାଜପାର ଦାବିପତ୍ର

**କେନ୍ଦୁଝର, ୧୯।୫ (ସ୍ୱ.ପ୍ର.)**

କେନ୍ଦୁଝର ସହରରେ ପାନୀୟ ଜଳ ଯୋଗାଣ ପାଇଁ ବିଛା ଯାଇଥିବା ପାଇପ୍ ପକାଇବାରେ ବ୍ୟାପକ ଦୁର୍ନୀତି ହୋଇଥିବା ସହ ଲକ୍ଷାଧିକ ଟଙ୍କା ଆତ୍ମସାତ ହୋଇଥିବା ନେଇ ଭାଜପା ପକ୍ଷରୁ ଗୁରୁବାର ଭିଜିଲାନ୍ସ ବିଭାଗରେ ଅଭିଯୋଗ ହୋଇଛି। ବିଭାଗ ପକ୍ଷରୁ ପାଣି ପାଇପ୍ ବିଛା କାମ ପାଇଁ ଟେଣ୍ଡର ଆହ୍ୱାନ କରା ନ ଯାଇ ଗୁପ୍ତ ଟେଣ୍ଡର କରାଯାଇ କାମ ବାଣ୍ଟି ଦିଆଯାଇଥିବା ଅଭିଯୋଗ ହେଉଛି। ଜିଲା ଭାଜପା ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମାଙ୍କ ନେତୃତ୍ୱରେ କେନ୍ଦୁଝରଗଡ଼ ପୌରପାଳିକା ଅଧକ୍ଷା ନିକୁ ସାହୁ, ଏସ୍‌ଟି ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ମମିତା ନାୟକ, ଭାଜପା କାର୍ଯ୍ୟାଳୟ ସମ୍ପାଦକ ପ୍ରକାଶ ଚନ୍ଦ୍ର ସୂତ୍ରଧର, ଜିଲା ଭାଜପା ସମ୍ପାଦକ ଶିବ କୁମାର ରାଠୋର, ଜିଲା ଯୁବ ମୋର୍ଚ୍ଚା ସାଧାରଣ ସମ୍ପାଦକ ସବିର ଦାଶ ପ୍ରମୁଖ ଭିଜିଲାନ୍ସ ଡିଏସ୍‌ପି ଦୈତାରୀ ଘଡେଇଙ୍କୁ ଭେଟି ଏହାର ତଦନ୍ତ ଦାବି କରିଛନ୍ତି।

କେନ୍ଦୁଝର ସହରର ବିଭିନ୍ନ ୱାର୍ଡରେ ଘରକୁ ଘର ପାନୀୟ ଜଳ ଯୋଗାଇବା ଉଦ୍ଦେଶ୍ୟରେ ରାସ୍ତା ଖୋଳି ପାଇପ୍ ବିଛାଇବା ପାଇଁ ସରକାରୀ ଅର୍ଥ ଜନସ୍ୱାସ୍ଥ୍ୟ ଯାନ୍ତ୍ରିକ ବିଭାଗ ବା ପିଏଚଇଡିକୁ ଆସିଥିବାବେଳେ ଏଥିପାଇଁ ଲାଗିଥିବା ପାଇପକୁ ସରକାରୀ ଭାବେ କିଣାଯାଇ କେବଳ ବିଛାଇବା ପାଇଁ ଛୋଟ ଛୋଟ ଟେଣ୍ଡର କରାଯାଇଥିଲା। ଯେଉଁ ଟେଣ୍ଡର ଅନଲାଇନ ମାଧ୍ୟମରେ ବା ଇ-ଟେଣ୍ଡର ମାଧ୍ୟମରେ କରା ନ ଯାଇ ନିଜର ଠିକାଦାରଙ୍କୁ କାମ ଦେବା ପାଇଁ ଅଫିସ କାର୍ଯ୍ୟାଳୟର ଟେଣ୍ଡର କରାଯାଇ ସମ୍ପାଦିତ କରାଯାଇଥିଲା। ତେବେ ଏହି ୧୦୦ ଏମ୍‌ଏମ୍ ଗୋଲେଇ ଥିବା ଏଚ୍‌ଡିପିଇ ପାଇପ ବିଛାଇବା ସକାଶେ ପ୍ରତି ମିଟର ଦର ୧୩୫ଟଙ୍କା ୭୦ପଇସା ଥିବାବେଳେ କେବଳ ଗୋଟିଏ ବିଲରେ ଏହି ଦର ପ୍ରଦାନ କରାଯାଇ ଅନ୍ୟ ସମସ୍ତ ବିଲରେ ୩୩୬ଟଙ୍କା ୪୦ ପଇସା ପ୍ରଦାନ କରାଯାଇଛି।

## ଗଞ୍ଜେଇ କାରବାର: ୩ ଗିରଫ

ବାରିପଦା ଅଫିସ,୧୯।୫- ମୟୂରଭଞ୍ଜ ଜିଲା ବାରିପଦା ଟାଉନ ଥାନା ପୋଲିସ ବିପୁଳ ପରିମାଣର ଗଞ୍ଜେଇ ଜବତ କରିବା ସହ ୩ ଅଭିଯୁକ୍ତଙ୍କୁ ଗୁରୁବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ଟାଉନ ଥାନା ଅଧୀନ ୱାର୍ଡନଂ.୫ର ରାଧାକୃଷ୍ଣ ଦାସ, କୁଳିଅଣା ଥାନା ଖଡ଼ିବଣୀର ଗିରିଶ ଚନ୍ଦ୍ର ବାରିକ ଓ ବରେନ ଦତ୍ତ। ଏ ସଂକ୍ରାନ୍ତରେ ପୋଲିସ ଏକ ମାମଲା (ନଂ.୩୭୭/୨୨) ରୁଜୁକରି ଅଧିକ ତଦନ୍ତ ଜାରି ରଖିଛି। ଗଞ୍ଜେଇର ଆନୁମାନିକ ମୂଲ୍ୟ ୯୦ହଜାରରୁ ଉର୍ଦ୍ଧ୍ୱ ଟଙ୍କା ହେବ ବୋଲି ସୂଚନା ମିଳିଛି।

# ବନ୍ଦ ରହିଲା ଉଚ୍ଛେଦ

**ବାରିପଦା ଅଫିସ,୧୯।୫**

ଓଡ଼ିଶା ହିନ୍ଦୁ ଧାର୍ମିକ ଅନୁଦାନ କମିଶନରଙ୍କ ପକ୍ଷରୁ ଦେବୋତ୍ତର ଜମି ଜବରଦଖଲ ଉଚ୍ଛେଦ ପ୍ରକ୍ରିୟାକୁ ନେଇ ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ବୁଧବାର ସ୍ଥଗିତ କରାଯାଇଛି। ୭ଦିନ ମଧ୍ୟରେ ସମସ୍ତ ଦୋକାନ ଖାଲି କରିବାକୁ ଜିଲାପାଳ ସମୟ ଦେଇଛନ୍ତି। ତେବେ ଏହାକୁ ନେଇ ଡବ୍ଲୁପି(ସି)ନଂ.୬୯୯୫/୨୨ରେ ହୋଇଥିବା ମାମଲା ବିଚାରାଧିନ ରହିଛି। ଜମିର ସତ୍ତ୍ୱାଧିକାରୀ କାଳି ଚରଣ ସେନାପତି ଉଚ୍ଚ ନ୍ୟାୟାଳୟର ଆଶ୍ରୟ ନେଇଥିଲେ। ଏହି ମାମଲାରେ ଦେବୋତ୍ତର କମିଶନର, ମୟୂରଭଞ୍ଜ ଜିଲାପାଳ, ବାରିପଦାର ଶ୍ରୀ ଶ୍ରୀ ରଘୁନାଥ ଜୀଉ ବିଜେଙ୍କ ଟ୍ରଷ୍ଟି ତଥା ଉପଜିଲାପାଳ ଓ ରାଜସ୍ୱ ବିଭାଗର ସହକାରୀ ଜିଲାପାଳଙ୍କୁ ପକ୍ଷଭୁକ୍ତ କରାଯାଇଛି ।

ଜିଲାର ମୋରଡ଼ା, ବାରିପଦା, ରାସଗୋବିନ୍ଦପୁର ଓ ବେତନଟୀ ବ୍ଲକର ୧୨ଟି ସ୍ଥାନରେ ଥିବା ଦେବୋତ୍ତର ଜମିର ଉଚ୍ଛେଦ ପ୍ରକ୍ରିୟାକୁ ବନ୍ଦ କରାଯାଇଛି। ସୂଚନା ଅନୁଯାୟୀ, ଓଡ଼ିଶା ହିନ୍ଦୁ ଧାର୍ମିକ ଅନୁଦାନ ଆକ୍ଟ ୧୯୫୧ ଅନୁଯାୟୀ ବେତନଟୀ ବ୍ଲକ ଶୁଖିଲାହାର ସାମିଲ ମହୁଲିଆରେ ଥିବା ପ୍ଲଟନଂ. ୧୫୭୫ ଓ ଖାତାନଂ. ୩୮୧/୧ର ଘରବାରି କିସମର ଏକ ଡେସିମିଲ (୪୨୦ବର୍ଗଫୁଟ)ଜାଗାକୁ ନେଇ ୨୧ଫେବୃୟାରୀ ୨୦୨୨ରେ ମାମଲାର ଶୁଣାଣି ହୋଇଥିଲା। ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ଉଚ୍ଛେଦ ପ୍ରକ୍ରିୟା ନ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ପରବର୍ତ୍ତୀ ସମୟରେ ନିର୍ଦ୍ଦେଶ ଆସିବା ପରେ ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ କରିବାକୁ ନୋଟିସ ମାଧ୍ୟମରେ ପ୍ରକ୍ରିୟା ଆରମ୍ଭ କରିଥିଲେ। ଏହାକୁ ନେଇ ଅଭିଯୋଗକାରୀମାନେ ଜିଲାପାଳଙ୍କୁ ଭେଟି କିଛି ଦିନ ପର୍ଯ୍ୟନ୍ତ ସମୟ ମାଗିଥିଲେ। ଜିଲାପାଳ ସମସ୍ତ ଅଭିଯୋଗକୁ ବିଚାରକୁ ନେଇ ୭ଦିନ ସମୟ ପ୍ରଦାନ କରିଛନ୍ତି। ତେବେ ଏକ ସପ୍ତାହ ସମୟ ମଧ୍ୟରେ ଜବରଦଖଲକାରୀ ଉଚ୍ଚ ନ୍ୟାୟାଳୟରୁ ରହିତାଦେଶ ଆଣିବାକୁ ସକ୍ଷମ ହୋଇପାରିବେ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ଜୋର ଧରିଛି। ଏଭଳି ନିଷ୍ପତ୍ତି ଗ୍ରହଣ କରିବା ଦ୍ୱାରା ଦେବୋତ୍ତର ଜମି ଫେରାଇ ଆଣିବାରେ ବର୍ଷ ବର୍ଷ ସମୟ ଲାଗିବ ବୋଲି ଚର୍ଚ୍ଚା ହେଉଛି।

# ୨୨ରୁ ଡାଲି, ତୈଳବୀଜ ଶସ୍ୟକ୍ରୟ ବ୍ୟବସ୍ଥା

**ବାଲେଶ୍ୱର ଅଫିସ, ୧୯।୫**

ବାଲେଶ୍ୱର ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଜିଲାସ୍ତରୀୟ ଶସ୍ୟ ସଂଗ୍ରହ କମିଟି (ଡାଲି ଓ ତୈଳବୀଜ ଉତ୍ପାଦ ନିମନ୍ତେ) ବୈଠକରେ ଆସନ୍ତା ମଇ ୨୨ତାରିଖରୁ ମାର୍କଫେଡ୍ ମାଧ୍ୟମରେ ଜିଲାର ଚାଷୀଙ୍କଠାରୁ ଡାଲି ଓ ତୈଳବୀଜ ଜାତୀୟ ଶସ୍ୟକ୍ରୟ ପ୍ରକ୍ରିୟା ଆରମ୍ଭ ହେବାକୁ ନିଷ୍ପତ୍ତି ନିଆଯାଇଛି ।

ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଅଧକ୍ଷତା କରି ଡାଲି ଓ ତୈଳବୀଜ ଜାତୀୟ ଶସ୍ୟସଂଗ୍ରହ ପ୍ରକ୍ରିୟା ସମ୍ବନ୍ଧରେ ଆଲୋଚନା କରିଥିଲେ। ଚାଷୀ ଯେପରି ସେମାନଙ୍କ ବଳକା ଶସ୍ୟକୁ ସୁବିଧାରେ ବିକ୍ରି କରିପାରିବେ ଏବଂ ଏଥିପାଇଁ ଉଚିତ୍ ମୂଲ୍ୟ ପାଇପାରିବେ ସେନେଇ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ପୂର୍ବବର୍ଷ ପରି ଚଳିତବର୍ଷ ମଧ୍ୟ ରବି ଋତୁରେ ଉତ୍ପାଦିତ ଡାଲି ଓ ତୈଳବୀଜ ଫସଲର ଉଚିତ୍ ବିକ୍ରିବଟା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ୟବସ୍ଥା କରାଯାଇଛି। ଚାଷୀମାନେ ସେମାନଙ୍କର



କମିଟି ବୈଠକରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଓ ଅନ୍ୟ ଅଧିକାରୀମାନେ।

ବଳକା ମୁଗ, ବିରି, ଚିନାବାଦାମ, ସୂର୍ଯ୍ୟମୁଖୀ ଆଦି ଶସ୍ୟକୁ ସରକାରଙ୍କ ଦ୍ୱାରା ସ୍ଥିରୀକୃତ ସର୍ବନିମ୍ନ ସହାୟକ ମୂଲ୍ୟରେ ପ୍ରାଥମିକ ସେବା ସମବାୟ ସମିତିରେ ବିକ୍ରି କରିପାରିବେ। ଏଥିପାଇଁ ଚଳିତବର୍ଷ ଜିଲାର ବାଲିଆପାଳ ବ୍ଲକର ଦେଭୋଗ, ଡଗରା, ଜଳେଶ୍ୱର ବ୍ଲକର ରାୟାରାମଚନ୍ଦ୍ରପୁର, ଲକ୍ଷ୍ମଣନାଥ ଏବଂ ଭୋଗରାଇ ବ୍ଲକର ଶଙ୍ଖାରୀ ସମବାୟ ସମିତିକୁ ଚିହ୍ନଟ କରାଯାଇଛି। ଆସନ୍ତା ମେ' ୨୨ତାରିଖରୁ ମାର୍କଫେଡ୍ ମାଧ୍ୟମରେ ଚାଷୀଙ୍କ ବଳକା ଶସ୍ୟ ସଂଗ୍ରହ ପାଇଁ ବ୍ୟବସ୍ଥା କରାଯାଇଛି । ଏଥିପାଇଁ ଚାଷୀମାନେ ପ୍ରଥମେ ସେମାନଙ୍କ ନାମକୁ ଇ-ସମୃଦ୍ଧି ପୋର୍ଟାଲରେ ପଞ୍ଜୀକୃତ କରିବେ ଏବଂ ବିକ୍ରିଯୋଗ୍ୟ ଶସ୍ୟଗୁଡିକର ସ୍ୱଚ୍ଛ ସାଧାରଣ ମାନ ବଜାୟ ରଖି ନିର୍ଦ୍ଧାରିତ କେନ୍ଦ୍ରରେ ବିକ୍ରୟ କରିପାରିବେ। ଚଳିତବର୍ଷ ପାଇଁ କୁଇଣ୍ଟାଲ ପିଛା ମୁଗର ସହାୟକ ମୂଲ୍ୟ ୭ହଜାର ୨୭୫ଟଙ୍କା ଧାର୍ଯ୍ୟ କରାଯାଇଥିବା ବେଳେ କୁଇଣ୍ଟାଲ ପିଛା ବିରିର ମୂଲ୍ୟ ୬ହଜାର ୩୦୦ଟଙ୍କା, କୁଇଣ୍ଟାଲ ପିଛା ଚିନାବାଦାମ ମୂଲ୍ୟ ୫ହଜାର ୫୫୦ ଟଙ୍କା ଏବଂ କୁଇଣ୍ଟାଲ ପିଛା ସୂର୍ଯ୍ୟମୁଖୀ ମୂଲ୍ୟ ୬ହଜାର ୧୫ଟଙ୍କା ଧାର୍ଯ୍ୟ କରାଯାଇଛି। ଏ ବାବଦରେ ସଚେତନତା ପାଇଁ ନିୟନ୍ତ୍ରିତ ବଜାର କମିଟି, ଜଳେଶ୍ୱରଙ୍କ ଦ୍ୱାରା ପଦକ୍ଷେପ ନିଆଯିବ। ବିଶେଷ ସହାୟତା ନିମନ୍ତେ ଚାଷୀମାନେ ସ୍ଥାନୀୟ କୃଷି ଅଧିକାରୀ, ଚିହ୍ନଟ ପ୍ରାଥମିକ ସେବା ସମବାୟ ସମିତି ଏବଂ ମାର୍କଫେଡ୍ ଅଧିକାରୀଙ୍କ ସହ ଯୋଗାଯୋଗ କରିବା ପାଇଁ ଜିଲା ମୁଖ୍ୟ କୃଷି ଅଧିକାରୀ ନିକୁଞ୍ଜ କିଶୋର ରାଉତ ନିବେଦନ କରିଛନ୍ତି । ବୈଠକରେ ବାଲେଶ୍ୱର ବିଧାୟକ ସ୍ୱରୂପ କୁମାର ଦାସ, ଜିଲା ପରିଷଦ ସଭାପତି ନାରାୟଣ ପ୍ରଧାନ, ଭଦ୍ରକ ଏମ୍‌ପିଙ୍କ ପ୍ରତିନିଧି ଅଶ୍ୱିନୀ ମହାପାତ୍ର, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ରବୀନ୍ଦ୍ର କୁମାର ସାହୁ, ଉପଜିଲାପାଳ ଆଶିଷ ଈଶ୍ୱର ପାଟିଲ, ଜିଲା କୃଷି ବିଭାଗର ଅଧିକାରୀଙ୍କ ସମେତ ଡିଆରସିଏସ, ମାର୍କଫେଡ୍ ଏରିଆ ମ୍ୟାନେଜର, ଆରଏମ୍‌ସି, ବିବିସିସି ବ୍ୟାଙ୍କର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ସହକାରୀ କୃଷି ଅଧିକାରୀମାନଙ୍କ ସମେତ ଜିଲାର କୃଷକ ପ୍ରତିନିଧିମାନେ ମଧ ଉପସ୍ଥିତ ଥିଲେ ।

## ନିର୍ଯାତନା ଦେଇ ସ୍ୱାମୀ ଗିରଫ

**ପାଟଣା,୧୯।୫(ସ୍ୱ.ପ୍ର.)**

କେନ୍ଦୁଝର ତୁରୁମୁଙ୍ଗା ଥାନା ଭଗପଶି ଗ୍ରାମର ଅକ୍ଷୟ କୁମାର ପାତ୍ରଙ୍କୁ ଗୁରୁବାର ତୁରୁମୁଙ୍ଗା ପୋଲିସ ସ୍ତ୍ରୀଙ୍କୁ ନିର୍ଯାତନା ଦେଇଥିବା ଅଭିଯୋଗରେ ଗିରଫ କରିଛି।

ଅକ୍ଷୟ ମୟୂରଭଞ୍ଜ ଜିଲା କରଞ୍ଜିଆ ଥାନା ଅଞ୍ଚଳର ପଙ୍କଜିନୀଙ୍କୁ ୨୦୨୧ ଜୁଲାଇରେ ବୈଦିକରୀତିରେ ବିବାହ କରିଥିଲେ। ବିବାହର କିଛି ମାସ ପରେ ଅକ୍ଷୟ ଏବଂ ତାଙ୍କ ପରିବାର ଲୋକେ ମିଶି ଅଧିକ ଯୌତୁକ ଦାବି କରିଥିଲେ। ପଙ୍କଜିନୀଙ୍କ ବାପା ଅଧିକ ଯୌତୁକ ଦେବାକୁ ଅସମର୍ଥ ପ୍ରକାଶ କରିଥିଲେ। ଏହାପରେ ପଙ୍କଜିନୀଙ୍କୁ ନିର୍ଯାତନା ଦିଆଯାଇଥିବା ଏତଲାରେ ଉଲ୍ଲେଖ ହୋଇଛି। ଏନେଇ ପଙ୍କଜିନୀଙ୍କ ବାପା ସାହେବ ପାତ୍ର ତୁରୁମୁଙ୍ଗା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୫୦/୨୨) ରୁଜୁ କରି ଅକ୍ଷୟଙ୍କୁ କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ମଦନ ମୋହନ ନାଏକ କହିଛନ୍ତି।

